ମୂଲ୍ୟବୋଧଭିତ୍ତିକ ପତ୍ରିକା

ଉତ୍କଳ ପ୍ରତିଭା

The Utkal Prativa

ପ୍ରଥମ ବର୍ଷ, ସଂଖ୍ୟା - ୧୦ , ଭୁବନେଶ୍ୱର, ୧୬-୩୦ ଅପ୍ରେଲ- ୨୦୧୫, ପାକ୍ଷିକ, ୧୨ ପୃଷ୍ଠା, ମୂଲ୍ୟ-୧୦ଟଙ୍କା ● Vol-I, Issue - 10, Bhubaneswar, 16-30 April - 2015, Fortnightly, 12 Pages, Rs.10.00

ଚତୁର୍ଦ୍ଧା ମୂରତିଙ୍କ ନବକଳେବର

ଶ୍ରୀଜଗନ୍ନାଥ ସାକ୍ଷାତ ବ୍ରହ୍ମ ସ୍ୱରୂପ । ଦାରୁବ୍ରହ୍ମର ଏକ ଅର୍ଥ ହେଲା ଦାରୁରେ ନିର୍ମିତ ବିଗ୍ରହ ଏବଂ ସେଥିରେ ବିରାଜିତ ପରମାତ୍ମା । 'ନୀଳାଦ୍ରି ମହୋଦୟଃ'ରେ ବ୍ରହ୍ମା କହିଛନ୍ତି, 'ଦାରୁ ବ୍ରହ୍ମ ହେଉଛନ୍ତି ନିରାକାର, ନିର୍ବିକଳ୍ପ, ନିର୍ଗୁଣ, ସର୍ବବ୍ୟାପୀ ତଥା ଭାବାଭାବ ବର୍ଜିତ । ତାଙ୍କ ସଗୁଣ ସ୍ୱରୂପକୁ ଚିନ୍ତାକରି ଦାରୁରେ ତାଙ୍କ ସ୍ୱରୂପକୁ ମୁଁ ଆହ୍ୱାନ କରିଛି" । ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ଭିତରେ ଏକ ଗୋପନୀୟ 'ବ୍ରହ୍ମ ପଦାର୍ଥ' ରହିଅଛି । ନବକଳେବର ସମୟରେ ଏହି ବ୍ରହ୍ମ ପଦାର୍ଥ ନୂତନ ବିଗ୍ରହଙ୍କ ଶ୍ରୀଅଙ୍ଗକୁ ସ୍ଥାନାନ୍ତର କରାଯାଏ । ଦାରୁବିଗ୍ରହ ଦେହରେ ବ୍ରହ୍ମ ପଦାର୍ଥ ଥିବାରୁ ବିଗ୍ରହକୁ ଦାରୁବ୍ରହ୍ମ କୁହାଯାଏ । ବ୍ରହ୍ମ ସ୍ଥାପନ ପରମ୍ପରାରୁ ଜଣାଯାଏ ଯେ ମୂର୍ତ୍ତି ହେଉଛି ଶରୀର ଏବଂ ବ୍ରହ୍ମ ହେଉଛି ଆତ୍ମା । ସାଧାରଣ ଜୀବମାନଙ୍କ ପରି ତହିଁରେ ଦେହ-ଦେହୀ ଭେଦ ଅଛି । କିନ୍ତୁ ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି- ଦାରୁ ହିଁ ବ୍ରହ୍ମ ।

ସ୍କନ୍ଦ ପୁରାଣର ଶ୍ରୀ ପୁରୁଷୋତ୍ତମ ମହାତ୍ମ୍ୟରେ ଥିବା ଶ୍ଳୋକରେ ଦାରୁମୂର୍ତ୍ତିଙ୍କ ବିଶେଷତ୍ୱ ସୂଚିତ ହୋଇଛି । ବିଦ୍ୱାନ୍‌ମାନେ କୁହନ୍ତି, 'ଦାରୁ' ଦୁଇଟି ଶବ୍ଦରୁ ନିସୃତ ହୋଇଛି । ଯଥା 'ଦା' ଏବଂ 'ଦୋ' ଧାତୁ । ଏହି ଦୁଇ ଧାତୁରୁ 'ରୁ' ପ୍ରତ୍ୟୟ ଯୋଗ ହୋଇ 'ଦାରୁ' ଶବ୍ଦ ହୋଇଛି । ଶୀଳ ବା ସ୍ୱଭାବ ଅର୍ଥରେ 'ରୁ' ପ୍ରତ୍ୟୟ ହୋଇଥାଏ । ପ୍ରଥମଟି ହେଲା 'ଦା' ଧାତୁରୁ 'ରୁ' ପ୍ରତ୍ୟୟ । 'ଦା' ଅର୍ଥ ଦାନ କରିବା । ସୁତରାଂ, ଦାରୁ-ଦାନଶୀଳ । 'ଦୋ' ଧାତୁର ଅର୍ଥ ଖଣ୍ଡନ କରିବା । ଏଣୁ ଦାରୁ-ଖଣ୍ଡନଶୀଳ । ଦାରୁବିଗ୍ରହ ରୂପୀ ପରଂବ୍ରହ୍ମଙ୍କ ବିଶେଷତ୍ୱ ହେଲା ଅଖଣ୍ଡ ଆନନ୍ଦ ଦାନ ଓ ସର୍ବଦୁଃଖ ଖଣ୍ଡନ । ଋକ୍ ବେଦ (୧୦/୧୫୫/୩)ରେ ସିନ୍ଧୁ ତଟରେ ଏକ ଭାସମାନ ଅପୁରୁଷଂ ଦାରୁ ସମ୍ପର୍କରେ ଉଲ୍ଲେଖ ରହିଛି । ଏହାକୁ ବ୍ୟାଖ୍ୟା କରି ବିଦ୍ୱାନମାନେ ଏହାହିଁ ଶ୍ରୀଜଗନ୍ନାଥଙ୍କ ମୂଳ ଦାରୁ ବୋଲି କୁହନ୍ତି । ସ୍କନ୍ଦ ପୁରାଣରୁ ଜଣାଯାଏ ଯେ ପ୍ରଥମେ ଶବର ରାଜା ବିଶ୍ୱାବସୁ ଇନ୍ଦ୍ରନୀଳ ମଣି ପ୍ରସ୍ତରରେ ନିର୍ମିତ ଏବଂ ଶଂଖ, ଚକ୍ର, ଗଦା, ପଦ୍ମଧାରୀ ଚତୁର୍ଭୁଜ ବିଷ୍ଣୁ ମୂର୍ତ୍ତିଙ୍କୁ ବା ନୀଳମାଧବଙ୍କୁ ପୂଜା କରୁଥିଲେ । ଏହି ମୂର୍ତ୍ତି ଅନ୍ତର୍ଦ୍ଧାନ ହେବା ପରେ କାଳକ୍ରମେ ସେ ଦାରୁବିଗ୍ରହ, ଚତୁର୍ଦ୍ଧା ମୂର୍ତ୍ତିରେ ପରିଣତ ହୋଇ ଉପାସିତ ହେଲେ । ଅନେକ ସ୍ଥାନରେ ଦାରୁରେ ନିର୍ମିତ ଦେବମୂର୍ତ୍ତି ପୂଜା ପାଉଥିଲେ ହେଁ କେଉଁଠି ସମ୍ପୃକ୍ତ ବିଗ୍ରହଙ୍କୁ 'ଦାରୁବ୍ରହ୍ମ' କୁହାଯାଏ ନାହିଁ । କେବଳ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ହିଁ ଦାରୁବ୍ରହ୍ମ । ଉପନିଷଦରେ ବର୍ଣ୍ଣିତ ବ୍ରହ୍ମଙ୍କ ସ୍ୱରୂପରେ ଗଠିତ ଏପରି ବିଗ୍ରହ କେବଳ ଭାରତରେ ନୁହେଁ, ବିଶ୍ୱରେ ବିରଳ ।

ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟ ୨୨ତମ ଶ୍ଳୋକରେ ଭଗବାନ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଛନ୍ତି- "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି । ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ" , ଅର୍ଥାତ୍ ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ବା ଆତ୍ମା ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଧାରଣ କରିଥାଏ । ଗୀତାର ଏହି ଦର୍ଶନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହୋଇଥାଏ । ମହାପ୍ରଭୁ ଅନ୍ୟମାନଙ୍କ ପାଇଁ ଆଦର୍ଶ । କୃଷ୍ଣ ଅବତାରରେ ସେ ଗୀତା ମାଧ୍ୟମରେ ଯାହା କହିଛନ୍ତି, ଜଗନ୍ନାଥ ହୋଇ ସେହି ଦର୍ଶକୁ ପ୍ରଭୁ ନିଜ ଉପରେ ମଧ୍ୟ ଲାଗୁ କରୁଛନ୍ତି । ସେଥିପାଇଁ ନବକଳେବରର ଆବଶ୍ୟକତା । ମହାପ୍ରଭୁଙ୍କ ବ୍ରହ୍ମ ପୁରୁଣା ଦାରୁ ତ୍ୟାଗ କରି ନୂତନ ଦାରୁ ଗ୍ରହଣ କରିଥାନ୍ତି । ମର୍ତ୍ତ୍ୟମଣ୍ଡଳରେ ଲୀଳା ଦେଖାଉଥିବା ପ୍ରଭୁ ଜଗନ୍ନାଥ ନିଜର ଏହି ନବକଳେବର ଲୀଳା ମାଧ୍ୟମରେ ଦର୍ଶାଇଛନ୍ତି ଯେ ଏହି ମର୍ତ୍ତ୍ୟମଣ୍ଡଳରେ କିଛି ସ୍ଥାୟୀ ନୁହେଁ । ପ୍ରତ୍ୟେକ ବସ୍ତୁର ଶେଷ ରହିଛି । ଭଗବାନ ଜଗନ୍ନାଥ ମଧ୍ୟ ନବକଳେବର ମାଧ୍ୟମରେ ଜୀର୍ଣ୍ଣ ଦାରୁକୁ ତ୍ୟାଗ କରି ନୂତନ ଦାରୁରେ ପ୍ରବେଶ କରିଥାନ୍ତି । ସହଜରେ କହିବାକୁ ଗଲେ ଦେହଧାରୀ ଭାବରେ ପରଂବ୍ରହ୍ମ ଜଗନ୍ନାଥ ପୁରୁଣା ଦେହକୁ ତ୍ୟାଗ କରି ନୂଆ ଦେହ ଗ୍ରହଣ କରିଥାନ୍ତି । ଆହୁରି ଗୀତା, ପୁରାଣ ଶାସ୍ତ୍ରରେ ବିଭିନ୍ନ ପ୍ରକାରର ପ୍ରତିମା ମୂର୍ତ୍ତି କଥା କୁହାଯାଇଛି । ବିଭିନ୍ନ ଧାତୁରେ ପ୍ରତିମା ନିର୍ମାଣ ହୋଇଥାଏ । ତେବେ ଧାତୁ ନିର୍ମିତ ପ୍ରତିମାର କ୍ଷୟ କାଳ ରହିଛି । ଏହି କ୍ଷୟ କାଳ ଉପନୀତ ହେଲେ ପ୍ରତିମାର ପରିବର୍ତ୍ତନ ଏବଂ ନୂତନ ପ୍ରତିମା ନିର୍ମାଣ ଏବଂ ସେଥିରେ ବ୍ରହ୍ମସ୍ଥାପନର ଆବଶ୍ୟକତା ଦେଖାଦେଇଥାଏ । ଏହିସବୁ ଦୃଷ୍ଟିକୋଣରୁ ନବକଳେବର ଗୁରୁତ୍ୱପୂର୍ଣ୍ଣ ।

ମହାପ୍ରଭୁଙ୍କ ଉପାସନାର ପ୍ରତିଟି ପର୍ବପର୍ବାଣୀ ଓ ଉତ୍ସବରେ ଭାବର ଗୁରୁତ୍ୱ ରହିଥାଏ । ମାନବୀୟ ଲୀଳା କରୁଥିବାରୁ ମହାପ୍ରଭୁ ଲୀଳାରୁ ମୋହମୁକ୍ତ ହେବା ଲାଗି ଶ୍ରୀଅଙ୍ଗ ତ୍ୟାଗ କରିଥାନ୍ତି । ସେଥିପାଇଁ ନବକଳେବରର ପ୍ରୟୋଜନ । ମହାପ୍ରଭୁଙ୍କ ନବକଳେବର ଲୀଳାରେ ୧୩ଟି ଚରଣ ରହିଛି । ଏହି ଚରଣ ହେଲେ ବନଯାଗ, କାରୁଶାଳା, ନ୍ୟାସ, ପ୍ରତିଷ୍ଠା, ସ୍ନାନ, ଗୁପ୍ତ ଗୁଣ୍ଡିଚା, ଘଟାନ୍ତର ବା ଘଟ ପରିବର୍ତ୍ତନ, ବିସର୍ଜନ, ପରମ୍ପରାକ୍ରମେ ଶୁଦ୍ଧିକ୍ରିୟା, ମହାଅଣସରରେ ସେବା, ଚକା ବିଜେ, ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଦଇତାଙ୍କ ଭେଟି । ସଂସାର ଭିତରେ ରହି ମଧ୍ୟ ମହାପ୍ରଭୁ ସଂସାରର ମୋହରେ ବାନ୍ଧି ହୋଇନଥାନ୍ତି । ମୋହ ତାଙ୍କୁ ବାନ୍ଧି ପାରୁନଥିବାରୁ ସେ ଶ୍ରୀଅଙ୍ଗ ତ୍ୟାଗ କରିଥାନ୍ତି । ସଂସାରରେ ପାରିବାରିକ ଲୀଳା କରିବା ପରେ ମୋହତ୍ୟାଗର ଲୀଳା ହେଉଛି ନବକଳେବର । ନବକଳେବରରେ ଏକ ବିରାଟ ପରିବର୍ତ୍ତନ ହୋଇଥାଏ । ସେ ପରିବର୍ତ୍ତନ ହେଉଛି 'ମୁଁ ବା ମୋର' ଭାବର ପରିବର୍ତ୍ତନ ।

ଦଇତାଙ୍କୁ ସ୍ୱପ୍ନାଦେଶ ମାଧ୍ୟମରେ ମହାପ୍ରଭୁ ଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ସୁଦର୍ଶନଙ୍କ ଦାରୁ ଠାବ କରିବାକୁ ହୋଇଥାଏ । ତେବେ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣରେ ବ୍ୟବହୃତ ହେଉଥିବା ଦାରୁର କେତେକ ବିଶେଷତ୍ୱ ରହିବା ଆବଶ୍ୟକ । ଯେପରିକି ଦାରୁ ବା ନିମ୍ବ ବୃକ୍ଷ ଗଣ୍ଡିର ବର୍ଣ୍ଣ ଗାଢ଼ ନାଲି ହୋଇଥିବା ଆବଶ୍ୟକ । ବୃକ୍ଷର ଗଣ୍ଡି ସମ୍ପୂର୍ଣ୍ଣ ସଳଖ ହୋଇଥିବ ତଥା ୪ଟି ସମ୍ପୂର୍ଣ୍ଣ ଶାଖା ରହିଥିବ । ବୃକ୍ଷର ଉଚ୍ଚତା ୧୦ରୁ ୧୮ ଫୁଟ୍ ମଧ୍ୟରେ ହୋଇଥିବା ଉଚିତ୍ । ଦାରୁବୃକ୍ଷ ନିକଟରେ ନଦୀ, ପୁଷ୍କରିଣୀ କିମ୍ବା ଜଳାଶୟ ରହିଥିବ । ବୃକ୍ଷଟି ତିନୋଟି ରାସ୍ତା ଯାଇଥିବା ଛକ ନିକଟରେ ଅବସ୍ଥିତ ଥିଲେ ଏହାକୁ ଆଦର୍ଶ ଦାରୁ ରୂପେ ଗ୍ରହଣ କରାଯାଇପାରିବ । ବୃକ୍ଷର ତିନି ପାର୍ଶ୍ୱରେ ପାହାଡ଼ ଥିଲେ ଅତି ଉତ୍ତମ । ନିକଟରେ ଶ୍ମଶାନ, ଶିବ ମନ୍ଦିର କିମ୍ବା କୌଣସି ସାଧୁ ବାସ କରୁଥିଲେ ତାହାର ଦାରୁ ଶ୍ରେଷ୍ଠତ୍ୱକୁ ଅଧିକ ସିଦ୍ଧ କରିଥାଏ । ଦାରୁ ବୃକ୍ଷରେ କୌଣସି ଅନାବନା ଗଛଲତା ନଥିବା ଆବଶ୍ୟକ । ବୃକ୍ଷରେ ଚଢ଼େଇ ବସା ନଥିବ । ଦାରୁ ବୃକ୍ଷଟି ବଜ୍ରପାତ କିମ୍ବା ଝଡ଼ ଦ୍ୱାରା କ୍ଷତିଗ୍ରସ୍ତ ହୋଇନଥିବା ଆବଶ୍ୟକ । ବୃକ୍ଷ ମୂଳରେ ଏକ ଉଈ ହୁଙ୍କା ରହିଥିବ । ସେଥିରେ ସାପ ରହୁଥିବେ । ଦାରୁ ବୃକ୍ଷ ନିକଟରେ 'ବରୁଣ', 'ସାହାଡ଼ା', ବେଲ ଗଛ ଥିଲେ ଅତି ଉତ୍ତମ । ଏହାଛଡ଼ା ଦାରୁ ବୃକ୍ଷ ଯେଉଁସ୍ଥାନରେ ଥିବ ସେ ସ୍ଥାନଟି ସନ୍ତସନ୍ତିଆ ହୋଇନଥିବା ଆବଶ୍ୟକ । ତେବେ ବୃକ୍ଷରେ ଭଗବାନ ବିଷ୍ଣୁଙ୍କ ପ୍ରତୀକ ଶଙ୍ଖ, ଚକ୍ର, ଗଦା ଓ ପଦ୍ମର ଚିହ୍ନ ରହିଥିଲେ ଏହି ଦାରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ନିମନ୍ତେ ଆଦର୍ଶ ବୋଲି ଗ୍ରହଣ କରାଯାଇଥାଏ ।

ବଳଭଦ୍ରଙ୍କ ଦାରୁ : ନବକଳେବର ସମୟରେ ବଳଭଦ୍ରଙ୍କ ପ୍ରତିମା ନିର୍ମାଣ ନିମନ୍ତେ ଦାରୁ ସନ୍ଧାନ କରିବା ପାଇଁ କେତୋଟି ବିଶେଷ ଲକ୍ଷଣ ପ୍ରତି ଗୁରୁତ୍ୱ ଦିଆଯାଇଥାଏ । ଦାରୁ ବୃକ୍ଷର ବର୍ଣ୍ଣ ହାଲକା ବାଇଗଣୀ ହୋଇଥିଲା । ବୃକ୍ଷରେ ୭ଟି ଶାଖା ରହିବା ଆବଶ୍ୟକ । ଦୂରରୁ ବୃକ୍ଷର ଶାଖାଗୁଡ଼ିକ ଏକ ସର୍ପର ଫଣା ଭଳି ଦିଶୁଥିବ । ବୃକ୍ଷରେ ହଳ, ଲଙ୍ଗଳ ଏବଂ ବଳଭଦ୍ରଙ୍କ ଶସ୍ତ୍ର ଭଳି ଚିହ୍ନ ରହିଥିବା ଜରୁରୀ ।

ସୁଭଦ୍ରାଙ୍କ ଦାରୁ : ଦେବୀ ସୁଭଦ୍ରାଙ୍କ ବିଗ୍ରହ ନିର୍ମାଣ ନିମନ୍ତେ ଆବଶ୍ୟକ ଦାରୁ ବୃକ୍ଷର ବର୍ଣ୍ଣ ସାମାନ୍ୟ ହଳଦିଆ ହୋଇଥିବା ଆବଶ୍ୟକ । ଏହି ବୃକ୍ଷର ୫ଟି ପୂର୍ଣ୍ଣ ଶାଖା ଥିବା ଉଚିତ୍ । ବୃକ୍ଷରେ ପଦ୍ମ ଫୁଲର ଚିହ୍ନ ରହିବା ଆବଶ୍ୟକ ।

ସୁଦର୍ଶନଙ୍କ ଦାରୁ : ସୁଦର୍ଶନଙ୍କ ଦାରୁ ନିମନ୍ତେ ଉଦ୍ଦିଷ୍ଟ ବୃକ୍ଷର ବର୍ଣ୍ଣ ଲାଲ ହେବା ଆବଶ୍ୟକ । ଏହାର ତିନୋଟି ପୂର୍ଣ୍ଣ ଶାଖା ଥିବା ଆବଶ୍ୟକ । ବୃକ୍ଷରେ ଚକ୍ରର ଏକ ଚିହ୍ନ ରହିଥିବା ଆବଶ୍ୟକ ।

ଚତୁର୍ଦ୍ଧା ମୂରତିଙ୍କ ଦାରୁ ନିମନ୍ତେ କେତେଗୁଡ଼ିଏ ବିଶେଷତ୍ୱ ପ୍ରତି ଗୁରୁତ୍ୱ ଦିଆଯାଉଥିବା ବେଳେ ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ନିମନ୍ତେ ସର୍ବାଧିକ ଶ୍ରେଷ୍ଠ ତଥା ଆଦର୍ଶ ଦାରୁ ଚିହ୍ନଟ ପ୍ରତି ଗୁରୁତ୍ୱ ଦିଆଯାଇଥାଏ । ଦାରୁ ସଂଗ୍ରହ ସମୟରେ ଭୂମି ମାଲିକଙ୍କ ଜାତି, ଧର୍ମ, ବର୍ଣ୍ଣର କୌଣସି ବାଧା ରୁହେ ନାହିଁ । ୧୯୫୦ ମସିହା ନବକଳେବର ସମୟରେ ଜଣେ ମୁସଲିମ୍ ବ୍ୟକ୍ତିଙ୍କ ବାଡ଼ିରେ ବଳଭଦ୍ରଙ୍କ ଦାରୁ ବୃକ୍ଷ ଚିହ୍ନଟ କରାଯାଇଥିଲା । ଉକ୍ତ ବ୍ୟକ୍ତି ଜଣକ ପ୍ରଥମେ ବୃକ୍ଷ ଦେବାକୁ ମନା କରିଥିଲେ । ତେବେ ପତ୍ନୀଙ୍କ ପରାମର୍ଶକ୍ରମେ ସେ ପରବର୍ତ୍ତୀକାଳରେ ବିଗ୍ରହ ନିର୍ମାଣ ନିମନ୍ତେ ଦାରୁ ପ୍ରଦାନ କରିଥିଲେ ।

ସମ୍ପାଦକୀୟ

ଆମ ଧର୍ମରେ ନାରୀ ହେଉଛି ପୂଜ୍ୟା, ଆଦରଣୀ ଏବଂ ପ୍ରେମାସ୍ପଦା । ନାରୀ ହେଉଛି ସ୍ତ୍ରୀ, ଜନନୀ ଓ ଭଗିନୀ । ଧର୍ମଶାସ୍ତ୍ରରେ ନାରୀକୁ ସବୁବେଳେ ଆଦରପୂର୍ଣ୍ଣ ବ୍ୟବହାର କରିବା ପାଇଁ ଆଦେଶ ଦିଆଯାଇଛି । ସବୁ ଯୁଗରେ ନାରୀ ଆଦରଣୀୟା ରହିଆସିଛି । ତେବେ ବିଭିନ୍ନ ଯୁଗରୁ ଆରମ୍ଭ କରିବ ବ□ମାନର ଅତ୍ୟାଧୁନିକ କାଳ ପର୍ଯ୍ୟନ୍ତ ନାରୀ ନିର୍ଯାତନା ମଧ ଚାଲି ଆସିଛି । ସଂପ୍ରତି କଳିକାଳରେ ନିର୍ଯାତନା ଚରମ ସୀମାରେ ପହ□ଛି । ସମାଜ ପାଇଁ ଏହା ଏକ ପ୍ରମୁଖ ଚିନ୍ତାର କାରଣ ପାଲଟିଛି । ସମାଜରେ ନାରୀ ଓ ପୁରୁଷ ସମାନ । ଉଭୟଙ୍କର ସମାନ ଅଧିକାର ରହିଛି । କିନ୍ତୁ କାଳେ କାଳେ ପୁରୁଷ ନାରୀ ଉପରେ ପ୍ରାଧାନ୍ୟ ବିସ୍ତାର କରି ଆସୁଥିବା ଲକ୍ଷ୍ୟ କରାଯାଇଛି । ଯାହାଫଳରେ ନାରୀ ନିର୍ଯାତନା ଏକ ସଂକଟ ପାଲଟିଛି । ଆଜିର ପୁରୁଷ ସମାଜ ନାରୀକୁ ନିଜର ଭୋଗ୍ୟ ଓ ବିଳାସ ସାମଗ୍ରୀ ଭାଗ ଗ୍ରହଣ କରି ନେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ନାରୀ କୌଣସି ଗୁଣରେ ପୁରୁଷ ଠାରୁ ନ୍ୟୁନ ନୁହେଁ । କିନ୍ତୁ ପୁରୁଷ ପ୍ରଧାନ ସମାଜରେ ନାରୀକୁ ଭୋଗ୍ୟ ଭାବେ ବିବେଚିତ କରାଯାଉଛି, ଯାହାକୁ ଆଜିର ନାରୀ ଜାତି ଆପଣେଇ ନେଇଛି । ଫଳରେ ନାରୀଙ୍କ ଉପରେ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି । ପ୍ରାଚୀନ କାଳରେ ଏହା ପ୍ରାୟ ନଥିଲା । ସତୀତ୍ୱ ଥିଲା ତାଙ୍କର ଭୂଷଣ । ଯାହା ଆଜି ସମ୍ପୂର୍ଣ୍ଣ ବଦଳି ଯାଇଛି । ସତ୍ୟ ଯୁଗରେ ମା' ଦୁର୍ଗାଙ୍କ ଦ୍ୱାରା ପୁରୁଷର ଦୌରାତ୍ମ୍ୟକୁ ନିଶ୍ଚିହ୍ନ କରାଯାଇ ପାରିଥିଲା । କାରଣ ସେତେବେଳେ ନାରୀମାନେ ଥିଲେ ଅତି କଠୋର । ତାଙ୍କ ହୃଦୟରେ ସ୍ନେହ, ଶ୍ରଦ୍ଧା ଅତି ମାତ୍ରାରେ ପୁରି ରହିଥିଲା ବେଳେ ଅନ୍ୟାୟ ପ୍ରତି ଥିଲେ ସେମାନେ ଅତି ମାତ୍ରାରେ କଠୋର । ହେଲେ ତ୍ରେତୟା ଯୁଗ ବେଳକୁ ନାରୀ ମନରେ ପରିବ□ନର ଧାରା ସୃଷ୍ଟି ହୋଇ ସାରିଥିଲା । ସେମାନେ କ□ବ୍ୟ ଓ ଦାୟିତ୍ୱବୋଧ ଉପରେ କିଛି ଉଣା କରି ବସିଲେ । ଫଳରେ ସତୀ ସୀତାଙ୍କୁ ରାବଣ ତାର କାମନା ବାସନା ଚରିତାର୍ଥ କରିବା ପାଇଁ ଅଶୋକ ବନକୁ ଚୋରି କରି ନେଇଥିଲା । ହେଲେ ସେ ଏଥିରେ ସଫଳ ହୋଇ ପାରି ନଥିଲା । କିନ୍ତୁ ରାବଣ ସୀତାଙ୍କୁ ନିର୍ଯାତନା ଦେଇଥିଲା । ଅବଶ୍ୟ ରାବଣ ତାର କୃତକର୍ମର ଫଳ ପାଇଥିଲା । ସୀତାଙ୍କ କୋପରେ ସ୍ୱର୍ଣ୍ଣମୟୀ ଲଙ୍କା ଧ୍ୱଂସ ହୋଇଥିଲା । ବଦଳି ଯାଇଥିଲା ସମାଜ । ବଦଳି ଯାଇଥିଲା ସମୟ । ଏହାପରେ ପରେ ନାରୀ ଜୀବନର ମାନସିକତା ଆହୁରି ବଦଳି ଯାଇଥିଲା । ଦ୍ୱାପର ଯୁଗରେ ପ□ୁ ପାଣ୍ଡବ ସ୍ୱୟଂବରରେ ଦ୍ରୌପଦୀଙ୍କୁ ବିବାହ କରିବା ପରେ ନାରୀର ମାନସିକତାରେ ପରିବ□ନ ଘଟିଥିଲା । ତେବେ ପ□ ପତି ସ□େ ଦ୍ରୌପଦୀ ଥିଲେ ସମ୍ମାନୀୟା । ତାଙ୍କୁ କୁରୁସଭାରେ ଦୁର୍ଯ୍ୟୋଧନ ଅସମ୍ମାନିତ କରିବା ସହ ନିର୍ଯାତନା ଦେଇଥିଲା । ତେବେ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ରକ୍ଷା କରିଥିଲେ । କିନ୍ତୁ କଳି କାଳରେ ଏହା ଭିନ୍ନମୋଡ଼ ନେଇଛି । ଏବେ ମଧ ବିଚ୍ ରାସ୍ତା ଉପରେ ନାରୀ ନିର୍ଯାତନା ଚାଲିଛି । ନାରୀଙ୍କୁ ଆଦୌ ସମ୍ମାନ ଦିଆଯାଉନାହିଁ । କେତେକ ଭୟରେ ନାରୀକୁ ସୁରକ୍ଷା ଦେବାକୁ ଆଗେଇ ଆସୁନାହାନ୍ତି । ଯାହାଫଳରେ ନାରୀଙ୍କ ପ୍ରତି ନିର୍ଯାତନା ବଢ଼ିବାରେ ଲାଗିଛି । ନାରୀ ସମାଜ ସତ୍ୟ ଯୁଗର ସେଇ ଦୁର୍ଗାଙ୍କ ଆଦେଶରେ ଅନୁପ୍ରାଣିତ ହେବା ଉଚିତ୍ ଆଉ ପୁରୁଷ ସମାଜ ତାଙ୍କୁ ନିର୍ଯାତନା ଦାଉରୁ ରକ୍ଷା କରିବା ପାଇଁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିବାକୁ ଆଗେଇ ଆସିବା ଉଚିତ୍ । ସେହିଭଳି ନାରୀକୁ ଭୋଗ୍ୟ ଓ ବିଳାସର ସାମଗ୍ରୀ ବୋଲି ନଭାବିବା ଉଚିତ୍ । ଏହା ହେଲେ ନାରୀ ନିର୍ଯାତନା ସମୂଳେ ମୂଳପୋଛ ହୋଇପାରିବେ ।

ନୀତିବାକ୍ୟ

ବିକାଶ ହିଁ ଜୀବନ ଅଟେ ଓ ସଙ୍କୋଚ ହିଁ ମୃତ୍ୟୁ । ପ୍ରେମ ହିଁ ବିକାଶ ଅଟେ ଓ ସ୍ୱାର୍ଥପରତା ହିଁ ସଙ୍କୋଚ । ତେଣୁ ପ୍ରେମ ହିଁ ଜୀବନର ଏକମାତ୍ର ନିୟମ ଅଟେ । ଯିଏ ପ୍ରେମ କରେ ସେ ଜିତେ, ଯେ ସ୍ୱାର୍ଥପର ସେ ମରେ । ତେଣୁ ପ୍ରେମ ପାଇଁ ପ୍ରେମ କର, କାରଣ ପ୍ରେମ ହିଁ ଜୀବନର ଏକାମାତ୍ର ନିୟମ ଅଟେ ।

- ସ୍ୱାମୀ ବିବେକାନନ୍ଦ

ଦେଶ ପ୍ରଗତିରେ 'ମେକ୍ ଇନ୍ ଇଣ୍ଡିଆ' ଏକ ମାଇଲଖୁ

ଜୟକୃଷ୍ଣ ତ୍ରିପାଠୀ

'ଅଚ୍ଛେ ଦିନ ଆଏଗା' ର ସ୍ୱପ୍ନ ଦେଖାଇ ଭାରତୀୟ ଜନତାଙ୍କ ମନକୁ ଜିଣିଥିବା ଓ ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଅଳଙ୍କୃତ କରିଥିବା ନରେନ୍ଦ୍ର ମୋଦି ଙ୍କ ସରକାର ଭାରତକୁ ଏକ ବିକଶିତ ଦେଶରେ ପରିଗଣିତ କରିବା ପାଇଁ ଗୋଟିକ ପରେ ଗୋଟିଏ ଯୋଜନା ହାତକୁ ନେଇଛନ୍ତି । ସେ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ସାମିଲ ହେବାକୁ ସମଗ୍ର ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ତାଙ୍କ ପରିକଳ୍ପିତ ସ୍ୱଚ୍ଛ ଭାରତ ମିଶନ, ଜାତୀୟ ଡିଜିଟାଲ ସାକ୍ଷରତା ମିଶନ, ସାଂସଦ ଆଦର୍ଶ ଗ୍ରାମ ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଓ ମେକ୍ ଇନ୍ ଇଣ୍ଡିଆ ଭଳି ଯୋଜନା ଦେଶବାସୀଙ୍କ ସମ୍ମୁଖକୁ ଆଣି ପାରିଛନ୍ତି । ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମେକ୍ ଇନ୍ ଇଣ୍ଡିଆ' ଯୋଜନା କେବଳ ଭାରତ ବର୍ଷରେ ନୁହେଁ, ସମଗ୍ର ବିଶ୍ୱ ଦରବାରରେ ଉଚ୍ଚ ପ୍ରଶଂସିତ ହୋଇଛି । 'ମେକ୍ ଇନ୍ ଆମେରିକା' ଢାଂଚାରେ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଆରମ୍ଭ କରି ଭାରତକୁ ବିଶ୍ୱ ଦରବାରରେ ଏକ ପ୍ରମୁଖ ରାଷ୍ଟ୍ରଭାବେ ପରିଗଣିତ କରିବା ହେଉଛି ସରକାରଙ୍କ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ ଗତ ନଭେମ୍ବର ୨୫ ତାରିଖରେ ହୋଇଯାଇଛି । ବିଶ୍ୱବ୍ୟାପି ଶିଳ୍ପଦ୍ୟୋଗୀମାନଙ୍କୁ ଭାରତରେ ସେମାନଙ୍କର ପୁଞ୍ଜି ନିବେଶ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆମନ୍ତ୍ରଣ କରିବା ସହ ଭାରତର ଉତ୍ପାଦନ ଦକ୍ଷତା ଓ କ୍ଷେତ୍ର ପ୍ରସ୍ତୁତିକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ପରିକଳ୍ପନା ଫଳବତୀ ହେଲେ ଏହା ଭାରତରେ ବ୍ୟାପକ ନିଯୁକ୍ତି ସୁଯୋଗ, ସେକେଣ୍ଡାରୀ ଓ ଟର୍ମିନାରୀ ବିଜିନେସ୍ ସେକ୍ଟରର ଅଭିବୃଦ୍ଧି, ଜାତୀୟ ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ସହ ଭାରତକୁ ବିଶ୍ୱ ଅର୍ଥନୀତିରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ ଦେବାରେ ସହାୟକ ହେବ । ଖାଲି ସେତିକି ନୁହେଁ ଦେଶରେ ଦୀର୍ଘ ଦିନଧରି ରୁଗ୍ଣ ହୋଇ ପଡିଥିବା ସରକାରୀ ଉଦ୍ୟୋଗର ପୁନରୁଦ୍ଧାର ହେବା ସହ ଭାରତରେ ବିଦେଶୀ ପୁଁଜିନିବେଶ ରେ ବୃଦ୍ଧିଘଟିବ । ୧୨୫ କୋଟି ମାନବ ସମ୍ବଳକୁ ବହନ କରୁଥିବା ଭାରତ ଚାହିଁଲେ ଅସମ୍ଭବକୁ ସମ୍ଭବ କରି ପାରିବ ବୋଲି ମୋଦି ଆଶା ପ୍ରକଟ କରିଛନ୍ତି । କାର୍ଯ୍ୟ ଶୈଳୀରେ ଶିଥିଳତା, ଦୁର୍ବଳ ମାନସିକତା ଯୋଗୁଁ ସମୟର ଅପଚୟ, ଯୁବ ଶକ୍ତିର ସୁବିନିଯୋଗ ଅଭାବରୁ କୁଶଳୀ କାରିଗରମାନଙ୍କ ଅଭାବ ପରିଲକ୍ଷିତ ହେଉଛି । ସେହିପରି ଦେଶରେ ପର୍ଯ୍ୟାପ୍ତ ପରିମାଣର ଡିଗ୍ରୀଧାରୀ ମାନଙ୍କ ସଂଖ୍ୟା ଥିଲେ ମଧ ମାନସିକତା ଅଭାବରୁ ସେମାନଙ୍କ ଶିକ୍ଷା ଦେଶର କଲ୍ୟାଣରେ ବିନିଯୋଗ ହୋଇପାରୁନାହିଁ । ଖୋଦ୍ ପ୍ରଧାନମନ୍ତ୍ରୀ ଏସବୁ ଦେଖି ଚିନ୍ତିତ ହୋଇପଡିବା ସ୍ୱାଭାବିକ । ବିପୁଳ ଜନ ସମ୍ପଦକୁ ସୁବିନିଯୋଗ କରି ଦେଶକୁ ସ୍ୱଚ୍ଛ, ନିର୍ମଳ ଓ ସ୍ୱାବଲମ୍ବନଶୀଳ କରିବା ପାଇଁ ସେ 'ମେକ୍ ଇନ୍ ଇଣ୍ଡିଆ ଆହ୍ୱାନ ଦେଇଛନ୍ତି । ଦାରିଦ୍ର ଦୂରୀକରଣ, ଦେଶକୁ ଅଧିକ ଉତ୍ପାଦନକ୍ଷମ କରାଇ ଦେଶର ଅର୍ଥନୈତିକ ସ୍ଥିତିରେ ସୁଧାରିକରଣ, ମାନୁଫାକ୍ଚରିଂ କ୍ଷେତ୍ର ପ୍ରତି ଅଧିକ ଗୁରୁତ୍ୱ ଦେଇ ଅଧିକ ଶସ୍ତା, ସୁନ୍ଦର ଓ ମଜଭୁତ ସାମଗ୍ରୀ ପ୍ରସ୍ତୁତ କରି ବଜାର ନିବେଶ ଦିଗରେ ମୋଦି ଗୁରୁତ୍ୱ ଆରୋପ କରିଛନ୍ତି । ଭାରତରେ ପୁଞ୍ଜି ନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ବ୍ୟବସାୟ କରିବା ପାଇଁ ବହୁ ବିଦେଶୀ ରାଷ୍ଟ୍ରର ପୁଞ୍ଜିପତିମାନେ ଏବେ ଆଗ୍ରହୀ । ମୁଦ୍ରାର ଅବମୂଲ୍ୟାୟନ ଫଳରେ ଉତ୍ପାଦନ ସାମଗ୍ରୀ ଶସ୍ତା ହୋଇଥିବାରୁ ଆମ ଦେଶରେ ପ୍ରସ୍ତୁତ ସାମଗ୍ରୀ ଅଧିକ ଗ୍ରହଣୀୟ ହେବାର ସମ୍ଭାବନା ରହିଛି । ବୟନ ଶିଳ୍ପ ଓ ପୋଷାକ ପ୍ରସ୍ତୁତି ପାଇଁ ଭାରତର ସ୍ଥିତି ଅତ୍ୟନ୍ତ ଅନୁକୂଳ । ଆମ ଦେଶ ଆଜି ବିଶ୍ୱର ଦ୍ୱିତୀୟ ବୃହତମ କାର୍ପାସ ଉତ୍ପାଦନକାରି ଦେଶ । କପାରୁ ଫାବ୍ରିକ୍ ପ୍ରସ୍ତୁତ ହୋଇ କାମ୍ବୋଡିଆ, ବାଙ୍ଗଲାଦେଶ, ଚୀନ, ଭିଏତ୍ନାମରେ ପୋଷାକ ପ୍ରସ୍ତୁତ ହେଉଛି । ସେ କ୍ଷେତ୍ରରେ ଭାରତରେ ଅଧିକରୁ ଅଧିକ ପୋଷାକ ତିଆରି ଶିଳ୍ପ ସ୍ଥାପନ ହେଲେ ବୈଦେଶିକ ମୁଦ୍ରା ଉତ୍ପାଦନରେ ଭାରତ ଆଗେଇ ପାରିବ । ସେହିପରି ମେକ୍ ଇନ୍ ଇଣ୍ଡିଆ ଯୋଜନା ଭାରତର ମୂଲ୍ୟବାନ ପଥର ଓ ଗହଣା ଶିଳ୍ପ ପାଇଁ ଆଣିଛି ନୂଆ ସୁଯୋଗ । ବିଶ୍ୱର ବୃହତ ଗହଣା ବଜାର ଆମେରିକା ଭାରତରେ ଗହଣା ଶିଳ୍ପ ସହିତ ମିଳିତ ସହଭାଗିତାରେ କାର୍ଯ୍ୟ କରିବା ସହ ଭାରତରେ ହବ୍ ନିର୍ମାଣ ପାଇଁ ଆଗଭର ହୋଇଛି । ଇତି ମଧ୍ୟରେ ଇଣ୍ଡୋଆମେରିକାନ୍ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଏକ ଜଏଂଟ ଗଠନ କରାଯାଇଛି । ଆସନ୍ତା ୩ ରୁ ୫ ବର୍ଷ ମଧ୍ୟରେ ଭାରତରେ ଅନ୍ୟୁନ ୫ଟି ଗହଣା ନିର୍ମାଣ ହବ୍ ଗୁଜୁରାଟର ଭାବାନଗର, ସୁରଟ୍, କୋଲକତା ଓ ମୁମ୍ବାଇ ପ୍ରଭୃତି ସହରରେ ହେବାର ପରିକଳ୍ପନା ରହିଛି । କେବଳ ଅର୍ଥନୈତିକ କ୍ଷେତ୍ରରେ ନୁହେଁ, ବରଂ ଅନ୍ୟ ପ୍ରସଙ୍ଗରେ ମଧ ବିଶ୍ୱରେ ଭାରତର ପ୍ରାଧାନ୍ୟ ବଢ଼ିବାରେ ଲାଗିଛି । ଉଦାହରଣ ସ୍ୱରୂପ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତୀୟ ଯୋଗ ଦିବସଭାବେ ପାଳନ କରିବା ଲାଗି ଭାରତର ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେବାପରେ ଏହାକୁ ମିଳିତ ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୭୫ ରାଷ୍ଟ୍ର ସମର୍ଥନ କରିଛନ୍ତି । ଭାରତୀୟ ପୁଞ୍ଜି ବଜାର ମଧ ବିଦେଶୀ ନିବେଶକଙ୍କୁ ସୁହାଇଛି । ଗତ ୫ ବର୍ଷ ମଧ୍ୟରେ ୨୦୧୪ ରେ ସେନ୍‌ସେକ୍ସ ଓ ନିଫଟିରେ ସବୁଠୁ ଅଧିକ ବୃଦ୍ଧି ଘଟିଛି । ୨୦୧୪ ଶେଷ ଭାଗରେ ଭିତିଭୂମିର ଅଭିବୃଦ୍ଧି ଘଟିଛି । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ଯେ, କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ବିଶୋଧିତ ସାମଗ୍ରୀ, ସାର, ଇସ୍ପାତ, ସିମେ□ ଏବଂ ବୈଦ୍ୟୁତିକ ଶିଳ୍ପକୁ ନେଇ ଗଠିତ ୮ଟି କ୍ଷେତ୍ରରେ ଭିତିଭୂମି ଅଭିବୃଦ୍ଧି ଘଟିଛି । ମୋଦିଙ୍କ ଏହି ସ୍ୱଳ୍ପ ଶାସନ କାଳ ମଧ୍ୟରେ ଅଷ୍ଟ୍ରେଲିଆ, ଆମେରିକା, ଜାପାନ, ଚୀନ, ରୁଷିଆ, ପାକିସ୍ତାନ ଆଦି ରାଷ୍ଟ୍ରସହ ସୁସମ୍ପର୍କ ସ୍ଥାପନ କରିପାରିଛନ୍ତି । ମୋଦିଙ୍କ ଡ୍ରିମ୍ ପ୍ରୋଜେକ୍ଟ କୁହାଯାଉଥିବା ସ୍ମାର୍ଟ ସିଟି, ମେକ୍ ଇନ୍ ଇଣ୍ଡିଆ, ବୁଲେଟ୍ ଟ୍ରେନ୍ ଆଦି ପ୍ରକଳ୍ପରେ ଏମାନେ ଲକ୍ଷ ଲକ୍ଷ କୋଟି ବିନିଯୋଗ କରିବା ପାଇଁ ଅ□ ଭିଡିଛନ୍ତି । ଜାପାନ ଓ ଅଷ୍ଟ୍ରେଲିଆ ଭାରତକୁ ୟୁରାନିୟମ୍ ଯୋଗାଣ ପାଇଁ ପ୍ରସ୍ତୁତ ହୋଇଥିବାବେଳେ ବେସାମରିକ ପରମାଣୁ ଚୁକ୍ତି କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ମଧ ବାରାକ୍ ଓବାମାଙ୍କ ଗସ୍ତ କାଳରେ ପ୍ରାୟତଃ ଦୂର ହୋଇଯାଇଛି । ଦାରିଦ୍ର୍ୟ ଦୂରୀକରଣ, ଦେଶକୁ ଅଧିକ ଉତ୍ପାଦନ କ୍ଷମ କରାଇ ଦେଶର ଅର୍ଥନୈତିକ ସ୍ଥିତିର ସୁଧାରିକରଣ, ମାନୁଫାକ୍ଚରିଂ କ୍ଷେତ୍ର ପ୍ରତି ଅଧିକ ଗୁରୁତ୍ୱ ଦେଇ ଅଧିକ ଶସ୍ତା, ସୁନ୍ଦର ଓ ମଜଭୁତ ବସ୍ତୁ ପ୍ରସ୍ତୁତିରେ ପୁଞ୍ଜି ବିନିଯୋଗ ଓ ଦେଶର ଯୁବ ଶକ୍ତି ଡ୍ରିଗ୍ରୀ ଭିତିକ ଶିକ୍ଷା ପଛରେ ନ ଗୋଡାଇ ଧନ୍ଦା ଓ ସାମର୍ଥ୍ୟ ଭିତିକ ଶିକ୍ଷାକୁ ପ୍ରାଧାନ୍ୟ ଦେଲେ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ସଫଳ ହୋଇପାରିବ ।

୨୫ତମ ପ୍ରତିଷ୍ଠା ଦିବସରେ

ଓଡିଏମ୍ ଶିଶୁ ଆବାସ ଉଦ୍‌ଘାଟିତ

ଭୁବନେଶ୍ୱର (ନିପ୍ର) : ଶିଶୁବିହାର ପଟିଆସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ ସ୍କୁଲର ୨୫ତମ ପ୍ରତିଷ୍ଠା ଦିବସ 'ଭିଜନ - ୨୦୧୫' ମାର୍ଚ୍ଚ ୧୯ ତାରିଖ ସଂଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଜକୁ ଠିକ୍ ୨୫ ବର୍ଷ ତଳେ ଶିକ୍ଷାବିତ୍ ଡ. ସତ୍ୟବ୍ରତ ମୀନକେତନ ଆଦିବାସୀ, ହରିଜନ, ବସ୍ତି ଅ□ଳର ରହୁଥିବା ଦୁଃସ୍ଥ ପିତୃମାତୃହୀନ ପିଲାମାନଙ୍କୁ ଶିକ୍ଷିତ କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଜକୁ ସାମିଲ କରି ଶିକ୍ଷକତା ଆରମ୍ଭ କରିଥିଲେ । ପରବ□ୀ ସମୟରେ ତାଙ୍କର ନିଷ୍ଠାପର ସାଧନା ଓ ଉଦ୍ୟମ ବଳରେ ପ୍ରତିଷ୍ଠା କରିଥିଲେ ଓଡିଏମ୍ ପବ୍ଲିକ୍ ସ୍କୁଲ । ବିଗତ ପଚିଶ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନର ଶିକ୍ଷା ପରିସର ବହୁଧା ବିଭକ୍ତ ହୋଇ ପ୍ରାଥମିକ ଶ୍ରେଣୀରୁ ସ୍ନାତକ ଶ୍ରେଣୀ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଗୋଟିଏ ଛାତତଳେ ସ୍ୱଚ୍ଛଳ ବର୍ଗର ପିଲାମାନଙ୍କ ସହିତ ସାମାଜିକ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ବିନାମୂଲ୍ୟରେ ଅଧ୍ୟୟନ କରି ଆଜି ସରକାରୀ ଓ ବେସରକାରୀ ସଂସ୍ଥାର ଉଚ୍ଚ ପଦପଦବୀରେ ଅଧିଷ୍ଠିତ । ବିଦ୍ୟାଳୟର ଏହି ମହତ ଉଦ୍ଦେଶ୍ୟକୁ ସୁଦୂରପ୍ରସାରୀ କରିବା ନିମନ୍ତେ ୨୫ତମ ପ୍ରତିଷ୍ଠା ଦିବସ ଅବସରରେ "ସର୍ବେ ଭବନ୍ତୁ ସୁଖୀନଃ" ଯୋଜନା ଚଳିତବର୍ଷ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ଦୁଃସ୍ଥ, ଅନାଥ, ଆଦିବାସୀ ଓ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ନିମନ୍ତେ ଓଡିଏମ୍ ଶିଶୁ ନିବାସ ପ୍ରତିଷ୍ଠା କରାଯାଇଛି । ଏଥିରେ ସେମାନେ ବିନାମୂଲ୍ୟରେ ସ୍ୱଚ୍ଛଳ ବର୍ଗର ପିଲାମାନଙ୍କ ସହିତ ପ୍ରାଥମିକ ଶ୍ରେଣୀରୁ +୨ ବିଜ୍ଞାନ ପର୍ଯ୍ୟନ୍ତ ଏକତ୍ର ଅଧ୍ୟୟନ କରିବେ । ସମାନ ଭାବରେ ସମସ୍ତଙ୍କୁ ଅନ୍ତର୍ଜାତୀୟ ମାନର ମୂଲ୍ୟବୋଧଭି□କ ଶିକ୍ଷା ମିଳିପାରିବ । ଓଡିଏମ୍ ପବ୍ଲିକ୍ ସ୍କୁଲର ୨୫ତମ ପ୍ରତିଷ୍ଠା ଦିବସ "ଭିଜନ-୨୦୧୫" ପାଳନର ମହତ ଉଦ୍ଦେଶ୍ୟ ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ନିର୍ବିଶେଷରେ ସମସ୍ତେ ସମାନ ଶିକ୍ଷା ପାଇବେ ଏବଂ ସମାଜ, ଦେଶ ଓ ବିଶ୍ୱକୁ ସମୃଦ୍ଧି କରିବେ ।

ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଉତ୍ସବକୁ ଏବଂ "ଓଡିଏମ୍ ଶିଶୁ ନିବାସ"କୁ ଉଦ୍‌ଘାଟନ କରି ବିଦ୍ୟାଳୟର ଏହି ମହାନ୍ ଉଦ୍ଦେଶ୍ୟକୁ ପ୍ରଶଂସା କରି କହିଥିଲେ, ଶିକ୍ଷା ମାଧ୍ୟମରେ ସାମାଜିକ ବୈଷମ୍ୟ ଦୂର କରି ରାଜ୍ୟର ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ହିଁ ପ୍ରକୃତ ଶିକ୍ଷା । ସେହିପରି ଉ□ର ଭୁବନେଶ୍ୱର

ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଆଡ଼ଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର ଶିକ୍ଷା ମାଧ୍ୟମରେ ଜାତୀୟ ସଂହତି, ଏକତା ଓ ସମୃଦ୍ଧି ପ୍ରତିଷ୍ଠା କରିବାରେ ଓଡିଏମ୍‌ର ଦୃଷ୍ଟିକୋଣ "ସର୍ବେ ଭବନ୍ତୁ ସୁଖୀନଃ"କୁ ସମର୍ଥନ କରି କହିଥିଲେ, ଜ୍ଞାନ ସମସ୍ତଙ୍କ ନିମନ୍ତେ ସମାନ ଏହା କାହା ନିମନ୍ତେ ଅପହ□ ହୋଇ ରହିବା ଅନୁଚିତ । ଧନୀ ଗରିବ ନିର୍ବିଶେଷରେ ଶିକ୍ଷା ସମସ୍ତଙ୍କ ନିମନ୍ତେ ସମାନ ହେବା ଅପରିହାର୍ଯ୍ୟ । ସେହିପରି ଅଧ୍ୟକ୍ଷ ଡ. ମୀନକୋତନ ବିଦ୍ୟାଳୟ ୨୫ତମ ପ୍ରତିଷ୍ଠା ଦିବସର ମହତ୍ୱ ଦୃଷ୍ଟିକୋଣ ଉପରେ ଆଲୋକପାତ କରି କହିଲେ, ମୋ ଦୃଷ୍ଟିରେ ଧନୀ, ଗରିବ ସମସ୍ତେ ସମାନ । ଉପଯୁକ୍ତ ସେବା, ସ୍ନେହ ଓ ଶିକ୍ଷା ଦ୍ୱାରା ପ୍ରତ୍ୟେକ ଛାତ୍ର ବିକଶିତ ହୋଇ ଦେଶ ଜାତିର ଉନ୍ନତି କରିପାରିବେ ।

ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପଯୁକ୍ତ ସେବା, ଯତ୍ନ ଶିକ୍ଷା ମାଧ୍ୟମରେ ସମାଜର ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରି "ସର୍ବେ ଭବନ୍ତୁ ସୁଖୀନଃ" ଦୃଷ୍ଟିକୋଣକୁ ସଫଳ କରିବେ ବୋଲି ଶପଥ ନେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପରିଚାଳନା କମିଟିର ସଂପାଦିକା ଉପନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ, +୨ ବିଭାଗର ମୁଖ୍ୟ ଡିନ୍ ଡ. ଚି□ରଂଜନ ସାହୁ, ଉପାଧ୍ୟକ୍ଷ ରାଜେଶ ପାଢୀ ପ୍ରମୁଖ ବିଶିଷ୍ଟ କର୍ମକ□ା ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସବ୍ୟସାଚୀ ନାୟକ ପୁରସ୍କୃତ କରିଥିଲେ । ଶେଷରେ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ତାନସେନ ସିଂ ସଙ୍ଗୀତ ପରିବେଷଣ କରିଥିଲେ ।

ସଂଜୁ ଆଖିରେ ଲୁହ

ମାୟାଧର ନାୟକ

ମୁଁ ଜାଣେ-ମଣିଷ ଜୀବନର ମୂଲ୍ୟ ଆଜିର ବଜାର ଦରଠୁଁ ବି କମ୍। ସେଠି ମାମୁଲି କୁକୁର ଛୁଆଙ୍କୁ ନେଇ ଏ କାହାଣୀର କାଟତି ନାହିଁ, କିନ୍ତୁ ସବୁ ମୂଳ ତଉଲ କ'ଣ ବଜାରକୁ ନେଇ କରାଯାଇ ପାରିବ? ଏଣୁ ମୁଁ ଦେଖୁଛି- ସଂଜୁ ଆଖିରେ ଲୁହ।

ସଞ୍ଜୁ!

ମୋହନବାବୁଙ୍କ ସାନଝିଅ। ବୟସ ବେଶୀ ନୁହେଁ-କୁଆଁରୀ କନ୍ୟା ବିଜୁଳି କନ୍ୟା। ପାଠ ସିନାବେଶି ପଢ଼ିନି, କିନ୍ତୁ ମହାମହା ପାଠୁଆଙ୍କୁ ପାଠ ପଢ଼େଇ ଦିଏ। ହସହସ ମୁହଁରେ ଘରର ଯାବତୀୟ କାମ ଅତି ନିଖୁଣ ଭାବେ କରିଥାଏ। ଶେଯରୁ ଉଠି ସମସ୍ତଙ୍କ ପାଇଁ ମର୍ଣ୍ଣିଂ ଟି' ବଢ଼ାଇ ଦିଏ। ତା' ଚାହା ପ୍ରସ୍ତୁତିର ଚମକ ଅଛି। ସମସ୍ତଙ୍କ ବିଛଣାପତ୍ର ଛାଡି ଠିକ୍‌ଠାକ୍ କରିଦିଏ। ଘର ବାରଣ୍ଡା ସବୁ ସଫା କରିଦିଏ। ଦନ୍ତ ମଞ୍ଜନ ପରେ ଚା କପେ ବିସ୍କୁଟ ୨ଟା ଖାଇ ବାସ୍କେଟ୍‌ରେ ଥିବା ମଇଳା ଲୁଗା ସବୁକୁ ଓ୍ୱାସିଂଗ ମେସିନରେ ସଫା କରି ଶୁଖେଇ ଦିଏ।

କିଏ କେଉଁ ଜଳଖିଆ ଖାଆନ୍ତି- ସଞ୍ଜୁକୁ ସବୁ ଜଣା। ବାପା, ମା, ଭାଇ, ଭାଉଜ, ବଡ଼ଭଉଣୀଙ୍କ ମନଲାଖି ଜଳଖିଆ ପ୍ରସ୍ତୁତ କରି ବାଢ଼ିଦିଏ। ଖବର କାଗଜ ବାପାଙ୍କୁ ଦେଲାବେଳେ ଟିକେ ପୃଷ୍ଠା ଓଲଟାଇ ହେଡିଂ ପଢ଼ିନିଏ। ଗାଧୁଆ କାମ ସାରି ଜଳଖିଆ ଖାଇ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରେ। ମା'ଙ୍କୁ ପଚାରି ବିଭିନ୍ନ ପ୍ରକାର ସୁସ୍ୱାଦ ଖାଦ୍ୟ ପ୍ରସ୍ତୁତ କରେ। ବେଳେବେଳେ ମା' ଭାଉଜ, ଭଉଣୀ ରୋଷାଇ ଘରକୁ ଗଲେ ସେମାନଙ୍କୁ କାମ କରେଇ ନଦେଇ ନିଜେ ସବୁ କରିନିଏ।

ସଞ୍ଜୁ ଛୋଟବେଳକୁ ମା'ଙ୍କ ଠାରୁ ରୋଷେଇ କରିବା, ଘର, ବିଛଣାପତ୍ର, ଲୁଗାପଟା ସଫା କରିବା ଶିଖି ଯାଇଥିଲା। କାମ କଲାବେଳେ ଟିଭିରୁ ଗୀତ ଶୁଣିବା କିମ୍ବା ରୋଷେଇ ଘରେ ମୋବାଇଲ୍‌ରୁ ଗୀତ ଶୁଣିବା ସଉକକୁ ଭୁଲି ପାରେନା। ଘରେ କାହାର ମୋବାଇଲ୍ ଖରାପ ହେଲେ ସଞ୍ଜୁକୁ ଡ଼ାକରା ପଡେ। ଟିଭିରେ ଭି.ସି.ଡି କନେକ୍‌ସନ କରି କ୍ୟାସେଟ୍ ଶୁଣାଇବା କାମ ମଧ୍ୟ କରିଦିଏ। ଟିଭି ଖରାପ ହେଲେ ମା' ସଞ୍ଜୁକୁ ଡ଼ାକନ୍ତି। ସବୁ କାମରେ ସଞ୍ଜୁ। ସମସ୍ତ କାମ ସଞ୍ଜୁ ହସି ହସି କରୁଥାଏ।ଟିକେ କିଛି ଦରକାର ହେଲେ ସମସ୍ତେ ସଞ୍ଜୁ ସଞ୍ଜୁ ଡ଼ାକ ଛାଡନ୍ତି।

ସଞ୍ଜୁର କୋଇଲି କଣ୍ଠସ୍ୱରର କଅଁଳିଆ ଜବାବ ସମସ୍ତଙ୍କୁ ମୁଗ୍ଧ କରିଦିଏ। ମା' ଭାଇଭାଉଜ ସଞ୍ଜୁକୁ ଭଲ ଭଲ ଡ୍ରେସ୍ ଆଣି ଉପହାର ଦିଅନ୍ତି। ଘରେ କାହା ଦେହ ଖରାପ ହେଲେ କେହି କହୁ ବା ନ କହୁ ସେବାରେ ଲାଗିଯାଏ। ମା' ସଞ୍ଜୁ ପାଇଁ ଓଡ଼ିଆ-ଇଂରାଜୀ ବହି ଦେଇ ପଢ଼ିବାକୁ ତାଗିଦ କରନ୍ତି। ସଞ୍ଜୁ ରାତିରେ ଶୋଇଲାବେଳେ ବହି ପଢ଼ି ଅନେକ ଇଂରାଜୀ ଶବ୍ଦ- ବାକ୍ୟ ଶିଖି ଯାଇଛି। ଓଡ଼ିଆ ଭାଷା ଜ୍ଞାନ ମଧ୍ୟ ବଢ଼ିଯାଇଛି। ସବୁବେଳେ ହସି ହସି ସମସ୍ତଙ୍କ ମନ ମୋହି ନେଇଛି। ଖଇବାରେ ହେଳା କଲେ କିମ୍ବା ଦେହ ଖରାପ ହେଲେ ଔଷଧ ଖାଇବାକୁ ମା ତାଗିଦ୍ କରନ୍ତି। ମା' ବାହାରକୁ ଯାଇଥିଲେ, ସଞ୍ଜୁ ଠାକୁର ପୂଜା ମଧ୍ୟ ନିଖୁଣ ଭାବରେ କରିଥାଏ। ସୂର୍ଯ୍ୟୋଦୟରୁ ଶେଯରୁ ଉଠି ରାତ୍ରି ଏଗାରଟା ପର୍ଯ୍ୟନ୍ତ ବିଜୁଳି ଭଳି ସବୁ କାମ କରିଯାଏ। ରାତି ବାରଟା ପର୍ଯ୍ୟନ୍ତ ଟିଭି ଦେଖିବା ଏକ ପ୍ରକାର ଅଭ୍ୟାସରେ ପରିଣତ ହୋଇଯାଇଛି।

ମୁଁ ଜାଣେ-ମଣିଷ ଜୀବନର ମୂଲ୍ୟ ଆଜିର ବଜାର ଦରଠୁଁ ବି କମ୍। ସେଠି ମାମୁଲି କୁକୁର ଛୁଆଙ୍କୁ ନେଇ ଏ କାହାଣୀର କାଟତି ନାହିଁ, କିନ୍ତୁ ସବୁ ମୂଳ ତଉଲ କ'ଣ ବଜାରକୁ ନେଇ କରାଯାଇ ପାରିବ? ଏଣୁ ମୁଁ ଦେଖୁଛି- ସଂଜୁ ଆଖିରେ ଲୁହ।

ସଞ୍ଜୁର ସବୁକାମ ଭିତରେ ଜୀବେ ଦୟା ଗୁଣ ପାଇଁ ପ୍ରଶଂସା ପାଏ। ବିଲେଇ-କୁକୁରଙ୍କ ଖାଇବା ଖବର ବୁଝେ। ବିଲେଇ କୁକୁର ସଞ୍ଜୁକୁ ଦେଖିଲେ ଲସର ପସର ହୁଅନ୍ତି। ସଞ୍ଜୁ ଜାଣେ ବିଲେଇ କୁକୁରଙ୍କ ମଧ୍ୟରେ ଅହିନକୁଳ ସଂପର୍କ। ତେଣୁ ବିଲେଇକୁ ଅଲଗା ମାଛ, ମାଂସ କ□ା, ଅଇଁଠା ଦିଏ ଏବଂ କୁକୁରକୁ ତା' ସ୍ଥାନରେ ଅଲଗା ଦିଏ।

କୁକୁରିଆ ମାସ। ଜାତିଟା ସିନା କୁକୁର କିନ୍ତୁ ଭାରି ବିଶ୍ୱାସିଆ। ଶ୍ରେଷ୍ଠ ଜୀବ ମଣିଷକୁ ବିଶ୍ୱାସ କରିବା ଅଧିକାଂଶ ସମୟରେ ବିଷାକ୍ତ ହୋଇଯାଏ କିନ୍ତୁ କୁକୁର ଖାଲି ଅଇଁଠା ଖାଇବାକୁ ଦେଲେ ସେ ଜୀବନସାରା ବିଶ୍ୱାସର ଶେଷ ସୀମାରେ ପହ□ଯାଏ। ସର୍ବସମ୍ମୁଖରେ କୁକୁରମାନଙ୍କ ପ୍ରେମକୁ ଯଦିଓ ଲୋକେ ଅଭଦ୍ର କୁକୁର ଗୁଡା କହନ୍ତି, କିନ୍ତୁ ଦେଖି ଅଦେଖା ଉପଭୋଗ କରନ୍ତି।

ଆମ ସମାଜରେ ଯେଉଳି ଝିଅମାନଙ୍କ ସଂଖ୍ୟା କମିକମି ଆସୁଛି- ପୁରୁଷ ଏବେବି ପ୍ରାଧାନ୍ୟ ବିସ୍ତାର ନିଶା ଛାଡିନି- ସେଇଭଳି କୁକୁର ସମାଜ ମଧ୍ୟରେ ମହିଳା କୁକୁର ସଂଖ୍ୟା କମିଯାଇଛି।-ଯାହାପଳରେ ପୁରୁଷ କୁକୁର ପୁରା ପ୍ରାଧାନ୍ୟ ବିସ୍ତାର କରି ପ୍ରେମ ପାଇଁ କ୍ଷଣିକ ଯୁଦ୍ଧରେ ମାତିଯାଆନ୍ତି।

ସଞ୍ଜୁର ପୋଷା କୁକୁରଟି ମହିଳା। ଏହି ମହିଳା କୁକୁରଙ୍କୁ ଚାରିପା□ଜଣ ପୁରୁଷ କୁକୁର ଗୋଡ଼ାଇଲେ-ସେ ଯେତେ ଦୂରରେ ଥିଲେ ବି ରଡି ଛାଡି ଲାଞ୍ଜ ଜାକି ମୋହନ ବାବୁଙ୍କ ଘରକୁ ଦଉଡିଆସେ। ସଞ୍ଜୁ ସେ କୁକୁର ଶବ୍ଦ ଶୁଣି ଉପର ମହଲାରୁ ତଳକୁ ଆସେ। ସଞ୍ଜୁ ଗୋଡ଼ପାଖରେ ଲସରପସର ହୁଏ। ସଞ୍ଜୁ ପୁରୁଷ କୁକୁରଙ୍କୁ ବାଡ଼ିଖଣ୍ଡେ ଧରି ତଡ଼ିଦିଏ।

ଡିସେମ୍ବର ମାସରେ ପୋଷା କୁକୁରଟି ଏକାସଙ୍ଗରେ ୫ଟି ଶିଶୁକୁ ଜନ୍ମଦେଲା। ତା' ଦୁଇ ଦିନ ପରେ ବିରାଡି ମଧ୍ୟ ୩ଟି ଛୁଆ ଜନ୍ମକଲା। ସଞ୍ଜୁର ଆନ୍ଦ କହିଲେ ନସରେ। ତଳମହଲା ସିଡ଼ି ଘରେ ବିଲେଇ ପାଇଁ ବାସସ୍ଥାନ ସଜାଡ଼ିଦେଲା। ପୋର୍ଟିକୋ ପାଖରେ ଏକ ସୁରକ୍ଷିତ ସ୍ଥାନରେ କୁକୁର ମା' ଛୁଆଙ୍କ ପାଇଁ କାର୍ଡ ବୋର୍ଡ ପଟିରେ ଘର ତିଆରି କରିଦେଲା। କୁକୁର ଛୁଆଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ମା'ଙ୍କ ଠାରୁ ଅଦରକାରୀ ଲୁଗା ଆଣି ଡ଼ୋଘାଇ ଦେଲା। ତଳେ ଅଖା ପାରିଦେଲା।

ଛୁଆ ଜନ୍ମ କରି ମା' ଦୁଇ ତିନିଦିନ ଜଗି ରହିଲା। ସଞ୍ଜୁ ସଞ୍ଜ ସକାଳେ ମା' କୁକୁରକୁ ରୁଟି, ଭାତ, ରାତିରେ ଗରମ ରୁଟି ଆଣି ଦେଲା। ମା' ବିଲେଇ ଛୁଆକୁ ଛାଡି କୁଆଡେ ପଳାଇଯାଏ, ପୁଣି ଆସି ଛୁଆ ପାଖରେ ଜଗିରହେ। ବିଲେଇ ଛୁଆଙ୍କ ଆଖି ଖୋଲିଲା ପରେ ମା' ବିଲେଇ ଅନ୍ୟ ଘରକୁ ଛୁଆଙ୍କୁ ନେଇଗଲା। ଶୁଣାଯାଏ ବିଲେଇ ଛୁଆ ଜନ୍ମ କରି ସାତଘର କରାଏ। କିନ୍ତୁ କୁକୁର ଯିବ କୁଆଡେ? ଛୁଆ ବଡ଼ ହେଲେ ମା'ର ଆଉ ଭୟ ନଥାଏ।

ଜାନୁଆରୀ ମାସର କଅଁଳ ଅପରାହ୍ନରେ ମାସକର ଗୁଲୁଗୁଲିଆ ଛୁଆଗୁଡିକ ଚଲାବୁଲା କରି ଖେଳୁଥାଆନ୍ତି। ଏଇ କୁକୁର ଛୁଆରୁ କିଏ କେଉଁ କୁକୁର ନେଇ ପାଳିବ-ସଞ୍ଜୁ ପାଖରେ କହୁଥାଆନ୍ତି। କୁକୁର ଛୁଆଙ୍କ ମଧ୍ୟରେ ଗୋଟିଏ କାଳିଆ ରଙ୍ଗର ଛୁଆଟି ଭାରି କୌତୁକିଆ ହେଇଥାଏ। ସଞ୍ଜୁ ସମସ୍ତଙ୍କୁ କହେ ଯିଏ ଯେଉଁ ଛୁଆ ନିଅ ପଛେ-ମୋର ଏହି କାଳିଆ ଛୁଆଟି ଦରକାର। ତାକୁ ମୁଁ ପୋଷିପାଳି ବଡ଼ କରିବି। ସେ ମୋ ବୋଲ ମାନିବ। ଘର ଜଗିବ।

ହଠାତ୍ ସଂଜୁର ସ୍ୱପ୍ନ ଧୂଳିସାତ ହୋଇଗଲା। ତା'ର କେତେ ସୁନେଲି କଳ୍ପନା କ୍ଷଣିକ ମଧ୍ୟରେ ମଉଳିଗଲା। ରାସ୍ତାରେ କାର ଠିଆ ହୋଇଥିଲା। କାଳିଆ ଛୁଆଟି ଓ ତା'ର ଭାଇ ଦୁହେଁ କାର ତଳେ ଖେଳୁଥିଲେ। କାର ଗଡ଼ିଲାବେଳେ ଛୁଆ ଦି'ଟି ଚକାତଳେ ସବୁଦିନ ପାଇଁ ଆଖି ବୁଜିଦେଲେ।

କୁକୁର ମା' ଖୋଜୁଛି- ତା' ସନ୍ତାନକୁ ତନ୍ନତନ୍ନ କରି। ଘର ଆଗ ମାଟିପଡ଼ିଆକୁ ତା' ଗୋଡ଼ରେ ରାମ୍ପୁଛି, ବଡ଼ ବିକଳରେ ଭୁକୁଛି। ଏଣେତେଣେ ଦଉଡୁଛି। ସଞ୍ଜୁ ଗୋଡ଼ତଳେ ଶୋଇପଡ଼ି କାକୁତି ମିନତି କରୁଛି-ସତେ ଯେମିତି କହୁଛି- ମୋ ଛୁଆଙ୍କୁ ବ□ଇ ଦେ।

ମା' କୁକୁର ପଞ୍ଜରାଫଟା ଦୀର୍ଘଶ୍ୱାସ। ତା'ର ନିରବ କୋହ ସଞ୍ଜୁ ଆଖିରେ ଲୁହ ପାଲଟିଛି। ସେଦିନ ସଞ୍ଜୁ ମନରେ ବେଜାଏ ଦୁଃଖ। ମନରେ ହସ ନାହିଁ- ପେଟକୁ ଖାଦ୍ୟ ଯାଉନି। ତଥାପି ରାତିରେ ମା' କୁକୁର ପାଁ ଗରମ ରୁଟି ଦରକାରୀ ଆଣି ପରିସି ଦେଇଛି। ରାତି ପାହି ସକାଳ ହେଲା। କାଳିଆର ଅକାଳ ବିୟୋଗରେ ମିୟମାଣ ସଞ୍ଜୁ ଶେଯରୁ ଉଠି ସିଧା ତଳମହଲା ଗେଟ୍ ଖୋଲି କୁକୁର ଦେଖିଲା। କୁକୁର ଆଖିରୁ ଲୁହ ଗଡୁଛି- ମା' କୁକୁର ବ□ଥିବା ଆଉ ତିନିଟି ଛୁଆକୁ ତା' ପେଟତଳେ ଘୋଡେଇ ରଖିଛି। ଏ ଦୃଶ୍ୟ ଦେଖି ସଞ୍ଜୁର ଆଖି ଛଳଛଳ ହୋଇଗଲା। ଆଖିରେ ଆଖିଏ ଲୁହ।

ଦୁଇ ଦିନ ହେଲା ସଞ୍ଜୁ ମୁହଁରୁ ହସ ଲିଭିଯାଇଛି। ଶୟନେ-ସ୍ୱପନେ- ଜାଗରଣେ ସେଇ ନିଷ୍ପାପ କଅଁଳା ଛୁଆ ଦି'ଟିର ମୁହଁ ଦିଶିଯାଉଛି। ମୋହନବାବୁ କୌଣସି କାମରେ ବାହାରକୁ ଯାଇଥିଲେ। ସଂଧ୍ୟାବେଳେ ଘରେ ପହ□ ସବୁ ଖବର ଶୁଣି ଦୁଃଖ ପ୍ରକାଶ କଲେ।

ସଞ୍ଜୁ ବାପାଙ୍କ ପାଖକୁ ଆସି କାନ୍ଦି ପକାଇଲା। ମୋହନବାବୁ ସଞ୍ଜୁକୁ ବୁଝେଇବାକୁ ଚେଷ୍ଟା କଲେ। ସଞ୍ଜୁ ଆଖିର ଲୁହ ବନ୍ଦ ହେଲାନି। ଶେଷରେ କହିଲେ-ମା' ଯାହା ତ ହେବାର ହୋଇଗଲାଣି। ଏବେ ଦୁଇ ମୃତ ପୋଷା ଶିଶୁ କୁକୁରଙ୍କର ସ୍ମୃତିସୌଧ ହେବ, ବ□ଥିବା ଆଉ ତିନୋଟି ଛୁଆ ପାଇଁ ବଖରିଏ ଘର। ମା' ଛୁଆ ସେଇ ଘରେ ରହିବ- ତାଙ୍କ ଭଲମନ୍ଦ ବୁଝିବୁ। ଦୁଃଖକୁ ଅତିକ୍ରମ କରି ବ□ବାର ଯୁଦ୍ଧଭୂମୀରେ ହେବ ଏକ ଶିବିର, ଏହା ଗରୀବଗୁରୁବାଙ୍କ ପାଇଁ ସରକାରଙ୍କ ହାତଟେକା ଇନ୍ଦିରା ଆବାସ ଅନୁଦାନ ନୁହେଁ-ଏହା ହେବ ସଞ୍ଜୁର ଅଶ୍ରୁଳ ଅବଦାନ।

ବାପାଙ୍କ ଠାରୁ ଏଇ ପଦକ କଥା ଶୁଣି ସଞ୍ଜୁ କାନ୍ଦିଲା ମୁଖ ମଣ୍ଡଳରେ ହସ ଦେଖାଦେଲା।

ମୋହନ ବାବୁ ସଞ୍ଜୁର ହସକୁ ଉପଭୋଗ କରି ନିଜେ ହସି ହସି କହିଲେ-ଆଜି ରବିବାର। ଘରେ ମା' 'ମଟନକରି' କରିଛନ୍ତି। ପୁତ୍ରହରା ମା' କୁକୁରକୁ ପେଟେ ଖୁଆ।

ଏଥର ସଞ୍ଜୁ ମୁଖମଣ୍ଡଳରେ ହସର ଲହଡ଼ି କୂଳ ଲଙ୍ଘିଲା।

କବିତା

ନିରାଶାର ଦୁଃଖ

ଇନ୍ଦୁମତୀ ରାୟ

ପ୍ରଣୟର ପିଠପରେ ବାଜିବନି ଶଙ୍ଖ
ଆଉ ମଙ୍ଗଳ ମହୁରୀ
ଶୁଭିବନି ସାହାନାଇ ସ୍ୱର
ପଡ଼ିବନି ଘର ହୁଳହୁଳିରେ ଉଛୁଳି ॥

ଜୀବନର ବେଦୀପରେ ମନ୍ତ୍ରଧ୍ୱନୀ ନ କରିବେ
କୁଳର ପୁରୋଧା
ସାଜ ସଜ୍ଜା, ରଙ୍ଗବତୀ ସ୍ୱରେ
ନ କମ୍ପିବ ମୋ' ପାଇଁ ବସୁଧା ॥

ନ ସାଜିବି ବଧୂବେଶ ମୋ' ପାଇଁ ତା
ବହୁଦିନୁ ହୋଇଛି ବାରଣ
ସଭିଏଁ କହିବେ ମତେ
ଜୀବନ ତୋ' ହେଲା ଅକାରଣ
ନ ବୁଝିବେ ମନ କଥା କେହି
ନ ଦେବେ ମୋ' ମଥରେ ସିନ୍ଦୂର
ସଜାଇବେ ସିମନ୍ତିନୀ ବେଶେ
ନଥିବ ମୋ ପାଦେ ଲତାର ଗାର ॥

'କୁଳ କଳଙ୍କିନୀ' ଉପହାର ଦେବେ ମୋତେ
ଜୀବନର ଧମର ପୀଠରେ,
ସାଜି ଦେବେ ରୂପ ମୋର କେତେ ରଙ୍ଗେ
ଆଉ କେତେ ନଗ୍ନ ଛବିରେ ॥

ଥିରି ଥିରି ପାଦ ଚାଲି
ଅଳଙ୍କାର ମଧୁର ଝଙ୍କାର
ନ ଶୁଭିବ ଗୃହର ଅଙ୍ଗନୁ
ଅମୃତ ସେ 'ବଧୂ' ଡାକ ସ୍ୱର ॥

ବାମା, ମା, ଭାଇ ବଂଧୁ ନହୋଇବେ
ମୋ' ପାଇଁ କାତର
ଆଦରର ଡାକ ଭୁଲିଯିବେ
ନ ଝରିବ ତାଙ୍କ ନେତ୍ରୁ ଟୋପେ ଲୁହ ଧାର ॥

ସବୁକିଛି ପରକରି ଆସିବି ମୁଁ ଦୂରେ ଚାଲି
ବାପା, ମା' ସବୁଠୁ ଦୂରେଇ
ପ୍ରିୟ ମୋ ଗୋହିରୀ ବଣ
ଥୁ□ା ବରଗଛ
ନିଶ୍ଚିନ୍ତରେ ତାର କୋଳେ
ପଡ଼ିବି ମୁଁ ଶୋଇ ॥

କିନ୍ତୁ!
ଆଶା ମୋ ଅନେକ
ସବୁ ରହିଯିବ
ଅତୀତର ବାଲିସ୍ତୁପ ହୋଇ
ବ୍ୟର୍ଥ ହୋଇ
ଫେରିବି ସବୁରି ଦୁଆରୁ
ଶୋଇଯିବି ନିରାଶାକୁ
ସଙ୍ଗରେ ମୁଁ ନେଇ ॥

ସ୍ୱାସ୍ଥ୍ୟ ପାଇଁ ଆଖୁରସ

ଖରାଦିନେ ଆଖୁରସର ଆଦର ଅଧିକ । ଏହା ଯେପରି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେପରି ହିତକର । ଗ୍ଲାସେ ଦି ଗ୍ଲାସ ଆଖୁରସ ପିଇଦେଲେ ପେଟ ଥଣ୍ଡା ରହିବା ସହିତ ଆରାମ ଲାଗେ ।

- ଆଖୁରସ ପିଇବା ସମୟରେ ଏହାର ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦିଅନ୍ତୁ । ଧୂଳିମାଟି ଏବଂ ଅପରିଷ୍କାର ଚରଖାରେ ପେଷା ଯାଉଥିବା ଆଖୁ କ୍ଷତି ଘଟାଇଥାଏ ।
- ଆଖୁରସରେ ଆଇରନ୍ ଅଂଶ ଅଧିକ ରହିଥିବାରୁ ରକ୍ତରେ ହିମୋଗ୍ଲୋବିନ୍‌ର ମାତ୍ରା ବଢ଼ାଇଥାଏ । ସେହିପରି କ୍ୟାଲସିୟମ ମାତ୍ରାଧିକ ରହିଥିବାରୁ ଦାନ୍ତ ଏବଂ ହାଡକୁ ମଜଭୂତ କରିଥାଏ । ଭିଟାମିନ୍ ଏ ଯୋଗୁଁ ଦୃଷ୍ଟି ଶକ୍ତି ପ୍ରଖର ହୁଏ । ଏହା ମଧ୍ୟ କଫ, ବାତ ଓ ପି□ନାଶକ ।
- ପାଚନ ତନ୍ତ୍ର ଦୁର୍ବଳ ବ୍ୟକ୍ତି ପ୍ରତି ଦିନ ଆଖୁ ଚୋଷି ଖାଇବା ସହିତ ପଣା ପିଇବା ଉଚିତ୍ । ଆଖୁପଣାରେ ସୈନ୍ଧବଲବଣ ଏବଂ ଅଦାରସ ମିଶାଇ ପିଇଲେ ଏହାର ସ୍ୱାଦ ଏବଂ ପୌଷ୍ଟିକତା ବୃଦ୍ଧି ପାଇଥାଏ ।
- କୋଷବଦ୍ଧତା ଥିଲେ ଆଖୁରସକୁ ଅଳ୍ପ ଉଷୁମ କରି ପିଅନ୍ତୁ । ଆରାମ ଲାଗିବ । ସେହିପରି କାମଳ ରୋଗୀ ମଧ୍ୟ ଏହାକୁ ଉଷୁମ କରି ପିଇବା ଆବଶ୍ୟକ । ବୃକକ ରୋଗରେ ଆଖୁରସ ଖୁବ୍ ହିତକର । ଏହା ବୃକକକୁ ସକ୍ରିୟ ଏବଂ କାର୍ଯ୍ୟକ୍ଷମ କରିଥାଏ ।
- ଗ୍ରୀଷ୍ମଦିନେ ଅଂଶୁଘାତରୁ ରକ୍ଷା ପାଇବା ନିମନ୍ତେ ପ୍ରତିଦିନ ଆଖୁରସ ପାନ କରିବା ଉଚିତ୍ ।

ଅଂଶୁଘାତର ଦେଶୀ ଚିକିତ୍ସା

ଟାଣ ଖରାରେ କିଛି କାମ କଲେ କିମ୍ବା ପଦାକୁ ବାହାରିଲେ ଅଂଶୁଘାତର ଆଶଙ୍କା ଥାଏ । ତେଣୁ ବାହାରକୁ ଯିବାବେଳେ ପ୍ରଚୁର ପାଣି ପିଇବା ଉଚିତ୍ । କାମ କରିବା ବେଳେ ମଝିରେ ମଝିରେ ଛାଇରେ ବସିବା ଆବଶ୍ୟକ । ବାହାରକୁ ଯିବାବେଳେ ମୁଣ୍ଡରେ ଓଦା ଗାମୁଛା ପକାଇବା ସହିତ ଦେହରେ ହାଲ୍‌କା ରଙ୍ଗର ସୂତାବସ୍ତ୍ର ପିନ୍ଧନ୍ତୁ । ଧଳା ରଙ୍ଗ ସର୍ବୋ□ମ । ଲେମ୍ବୁରସ, ସୈନ୍ଧବଲବଣ, ସର୍ବତ, ତୋରାଣୀ, ଘୋଳଦହି, ଦହିପାଣି, ବେଲପଣା, ଗୁଡ଼ପଣା ପିଅନ୍ତୁ । ତରଭୂଜ, କାକୁଡ଼ି, ଆମ୍ବ ଆଦି ରସାଳ ଫଳ ଖାଆନ୍ତୁ । ପ୍ରତିଦିନ ସକାଳେ ୪/୫ଟି ପୋଦିନାପତ୍ର ବାଟି ଏକ ଗ୍ଲାସ ପାଣି ସହିତ ପାନ କଲେ ଅଥବା ବେଣା ଚେର, ଧନିଆଁ, ଗୋଲମରିଚ ସମାନ ପରିମାଣରେ ବାଟି ମିଶ୍ରି ପାଣିରେ ମିଶାଇ ପିଇଲେ ଅଂଶୁଘାତର ଭୟ ରହେନାହିଁ । ଅଂଶୁଘାତରେ ଆକ୍ରାନ୍ତ ରୋଗୀକୁ ଥଣ୍ଡା ପବନ ଚଳାଚଳ ଛାଇ ସ୍ଥାନକୁ ନିଅନ୍ତୁ । ଦେହରୁ ପୋଷାକ ଖୋଲି ଦିଅନ୍ତୁ କିମ୍ବା ଢ଼ିଲା କରି ଦିଅନ୍ତୁ । ମୁଣ୍ଡକୁ ବାରମ୍ବାର ଧୋଇ ଓଦାପଟି କିମ୍ବା ବରଫ ଦିଅନ୍ତୁ ଏବଂ ଦେହକୁ ଥରକୁ ଥର ପୋଛନ୍ତୁ । ଲେମ୍ବୁରସ ସରବତ କିମ୍ବା ଲୁଣ ମିଶା ସାମାନ୍ୟ ଆମ୍ବିଳା ତୋରାଣି ପିଆନ୍ତୁ । କ□। ଆମ୍ବକୁ ପୋଡ଼ି କିମ୍ବା ଆମ୍ବପତ୍ରକୁ ବାଟି ଦେହରେ ଲେପ ଦିଅନ୍ତୁ । ରୋଗୀକୁ ବରପତ୍ର, ପଳାସପତ୍ର, ଶିଆଳପତ୍ର କିମ୍ବା ପଦ୍ମପତ୍ରର ବିଛଣାରେ ଶୁଆନ୍ତୁ । ଅତ୍ୟଧିକ ତାପଥିଲେ ବେଣା ଚେର ସିଝା ପାଣିରେ ମିଶ୍ରି ଦେଇ ପ୍ରତି ଅଧ ଘ□ାରେ ପିଆନ୍ତୁ । କାକୁଡ଼ି ରସ ପ୍ରତି ଦୁଇ ତିନି ଘ□ାରେ ପିଇବାକୁ ଦେଲେ ରୋଗ ଶୀଘ୍ର ଉପଶମ ହୁଏ । ତେବେ ଅବସ୍ଥା ସାଙ୍ଘାତିକ ହେଲେ ସାଲାଇନ ଦିଅନ୍ତୁ । ତାତି କମିଯାଇ ସନ୍ନିପାତ ଅବସ୍ଥା ହେଲେ ରୋଗୀର ଦେହକୁ ମୋଟା ଲୁଗା କିମ୍ବା କମ୍ବଳରେ ଘୋଡ଼ାଇ ଦିଅନ୍ତୁ । ତଳିପାଦ ଏବଂ ପାପୁଲିରେ ଘିଅ ଘଷନ୍ତୁ । ଗାମୁଛା ଓଦା କରି ଦେହକୁ ବାରମ୍ବାର ପୋଛନ୍ତୁ । ଅଂଶୁଘାତ ରୋଗୀର ମାଂସପେଶୀ କିମ୍ବା ପେଟରେ ଯନ୍ତ୍ରଣା ହେଲେ ତୁରନ୍ତ ଲେମ୍ବୁ, ସୈନ୍ଧବ ଲୁଣ ଏବଂ ସାମାନ୍ୟ ମିଶ୍ରି ମିଶା ସର୍ବତ ପିଇବାକୁ ଦିଅନ୍ତୁ । ବିନା କ୍ଷୀରରେ ଗରମ ନାଲି ଚା ପିଆନ୍ତୁ ।

ବ୍ରଣ ସମସ୍ୟା ଓ ତା'ର ପ୍ରତିକାର

ସାଧାରଣତଃ କିଶୋରାବସ୍ଥାରେ ମୁଖବ୍ରଣ ସମସ୍ୟା ଅଧିକ । ଆଦ୍ୟ ଯୌବନରେ ଶାରୀରିକ, ମାନସିକ, ଯୌନ ସମ୍ବନ୍ଧୀୟ ପରିବ□ନ ଯୋଗୁଁ ଏହାର ଫଳ ସ୍ୱରୂପ ଶରୀରର ଅନ୍ତଃସ୍ରାବୀ ଗ୍ରନ୍ଥିରୁ ନିସୃତ ହରମୋନ ମୁଖବ୍ରଣ ସମସ୍ୟା ସୃଷ୍ଟି କରିଥାଏ । ଏହହାଛଡା ମୁହଁରେ ଥିବା ତୈଳ ଏବଂ ସ୍ୱେଦଗ୍ରନ୍ଥି ଗୁଡିକର ମୁହଁ ବାରମ୍ବାର ପ୍ରସାଧନ ସାମଗ୍ରୀ ଲେପ ଦ୍ୱାରା ଅଥବା ବାହ୍ୟ ଧୂଳି ଆଦି ଦ୍ୱାରା ଅବରୋଧ ହୋଇ ବ୍ରଣ ସୃଷ୍ଟି କରିଥାଏ । ପାଚନ ତନ୍ତ୍ରରେ ବିକାର ହେତୁ ମଧ୍ୟ ବ୍ରଣ ହୋଇଥାଏ । ଚା, କଫି, ତମାଖୁ, ମଦ୍ୟସେବନ, ଅଣ୍ଡା, ମାଛ, ମାଂସ, ଆଚାର, ସଂରକ୍ଷିତ ଖାଦ୍ୟ, ଶୀତ ପାନୀୟ, ଆଇସ୍‌କ୍ରିମ୍‌ର ମାତ୍ରାଧିକ ସେବନ ଯୋଗୁଁ ମଧ୍ୟ ମୁହଁରେ ବ୍ରଣ ହୋଇଥାଏ । କୈଶୋରରେ ତେଲ ମସଲାଯୁକ୍ତ ଖାଦ୍ୟ, ଦହିବରା, ଚାଟ, ଗୁପ୍‌ଚୁପ୍ ଆଦି ଖଟା ରାଗ ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଖବ୍ରଣ ହୋଇଥାଏ । ଏହା ସାଧାରଣତଃ ମୁଖ, କପାଳ, ନାକ, ଗାଲରେ ଅଧିକ ମାତ୍ରାରେ ହୋଇଥାଏ । ଏହି ରୋଗ ଅଧିକ ତୀବ୍ର ହେଲେ କାନ୍ଧ, ପିଠି, ହାତଗୋଡ଼ ଉପରେ ମଧ୍ୟ ଦେଖାଦେଇପାରେ । ଏହା ଅଧିକ ସଂକ୍ରମିତ ହେଲେ ଲାଲ ଆକାର ହେବା ସହିତ ଦରଜ ଏବଂ କୁଣ୍ଡାଇ ହୁଏ ।ବ୍ରଣ ଦବିଗଲେ ମୁହଁରେ ଫିକା କଳା ରଙ୍ଗର ଦାଗ ରହିଯାଏ । ମୁଖବ୍ରଣ ଏକ ସାଧାରଣ ରୋଗ ହୋଇଥିଲେ ସୁଦ୍ଧା ଏହାର ଉପଯୁକ୍ତ ଚିକିତ୍ସା ନକଲେ ମୁଖର ସୌନ୍ଦର୍ଯ୍ୟହାନୀ ସାଙ୍ଗକୁ ଯନ୍ତ୍ରଣା ହୋଇଥାଏ । ରୋଗଠାରୁ ଦୂରେଇ ରହିବା ପାଇଁ କେତେକ ସତର୍କତା ଆବଶ୍ୟକ । ଅତ୍ୟଧିକ ମିଠା ଖାଦ୍ୟ, ଚକୋଲେଟ୍, ଆଚାର, ଆଇସ୍‌କ୍ରିମ୍, ତେଲମସଲାଯୁକ୍ତ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରହିବା ଉଚିତ୍ । ଫଳ, ଫଳରସ, ପନିପରିବା, ଗଜାମୁଗ, ଗଜାବୁଟ ଆଦି ଖାଇବା ଉଚିତ୍ । ମୁହଁକୁ ସର୍ବଦା ସଫା କରିବା ଦରକାର । ଦିନରେ ଦୁଇ ଚାରିଥର ମୁହଁ ଧୋଇବା ଉଚିତ୍ । ମୁହଁକୁ ଝାଳ, ଧୂଳିଧୂଆଁ ପ୍ରଭାବରୁ ରକ୍ଷା କରିବା ଆବଶ୍ୟକ । ବ୍ରଣ ହେଲେ ସେଥିରେ ହାତମାରିବା କିମ୍ବା ବ୍ରଣକୁ ଚିପିବା ଅନୁଚିତ୍ ।

ଚିକିତ୍ସା

- ଲେମ୍ବୁରସ, ଗ୍ଲିସେରିନ୍ ଏବଂ ଗୋଲାପଜଳକୁ ସମାନ ପରିମାଣରେ ମିଶାଇ ଦିନକୁ ଦୁଇଥର ମୁହଁରେ ଲଗାନ୍ତୁ । ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ସପ୍ତାହେ ପର୍ଯ୍ୟନ୍ତ ଏପରି କଲେ ମୁଖବ୍ରଣ ସମସ୍ୟା କମିଯାଏ ।
- ଜାଇଫଳକୁ ଗୁଣ୍ଡ କରି କ□। କ୍ଷୀରରେ ମିଶାଇ ମୁଖ ବ୍ରଣରେ ଲଗାନ୍ତୁ । ଶୁଖିଯିବା ପରେ ପାଣିରେ ମୁହଁ ଧୋଇ ସଫା କରନ୍ତୁ ।
- ମେଥିକୁ ବତୁରାଇ ଭଲ ଭାବରେ ବାଟି ସାମାନ୍ୟ ଗ୍ଲିସେରିନ୍ ଏବଂ ହଳଦୀ ମିଶାଇ ଲଗାନ୍ତୁ ।
- ଗୁଗୁଳ ଗଛର କ୍ଷୀର ପ୍ରତିଦିନ ସକାଳେ ଥରେ ଏକ ସପ୍ତାହ ପର୍ଯ୍ୟନ୍ତ ଲଗାଇଲେ ବ୍ରଣ ଉପଶମ ହୁଏ ।
- ନିମ୍ବପତ୍ରଗୁଣ୍ଡ ଦୁଇ ଚାମଚ, ହଳଦୀ ଗୁଣ୍ଡ ଏକ ଚାମଚ ଏକାଠି ଗୋଲାପଜଳରେ ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହୋଇ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ପାଏ ।
- ଦୁଇ ଚାମଚ ମହୁ, ଚାରିଚାମଚ ଲେମ୍ବୁରସ ମିଶାଇ ମୁହଁରେ ଲଗାଇଲେ ଉପକାର ମିଳେ ।
- ଚନ୍ଦନଗୁଣ୍ଡ ଏକ ଚାମଚ, ହଳଦୀ ଗୁଣ୍ଡ ଏକ ଚାମଚ, ମୁଲତାନୀ ମାଟି ଦୁଇ ଚାମଚ, କର୍ପୂର ଅଳ୍ପ ଏକତ୍ର କରି ଗୋଲାପଜଳରେ ମିଶାଇ ୧୫/ ୨୦ ମିନିଟ୍ ମୁହଁରେ ଲଗାଇ ମୁହଁ ଧୋଇ ଦିଅନ୍ତୁ ।

ରୌଦ୍ରତାପରୁ ତ୍ୱଚାର ସୁରକ୍ଷା

ଗ୍ରୀଷ୍ମଦିନେ ସୂର୍ଯ୍ୟଙ୍କର ରଶ୍ମୀ ଅତି ପ୍ରଖର । ଏହି ରଶ୍ମୀ ତ୍ୱଚାର ସର୍ବାଧିକ କ୍ଷତି କରିଥାଏ । ଏଥିରୁ ରକ୍ଷା ପାଇବା ପାଇଁ ସଚେତନତା ସାଙ୍ଗକୁ କିଛି ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର କରିବା ଉଚିତ୍ ସେ ସଂପର୍କରେ କିଛି ....

ବ୍ୟସ୍ତବହୁଳ ଜୀବନରେ ବିଭିନ୍ନ କାମ ନେଇ ବାହାରକୁ ଯିବାକୁ ପଡ଼ିଥାଏ । ବାହାରେ ଖରାରେ ବୁଲିବା ଦ୍ୱାରା ଚର୍ମର ବହୁଳ କ୍ଷତି ଘଟେ ଏବଂ ଅକାଳ ବାର୍ଦ୍ଧକ୍ୟ ଚାଲିଆସେ । ତ୍ୱଚାରେ ବାର୍ଦ୍ଧକ୍ୟର ଛାପ ମନକୁ ପ୍ରଭାବିତ କରିଥାଏ । ବାର୍ଦ୍ଧକ୍ୟ ଆସିଗଲେ ଜୀବନ ନିରସ ଲାଗେ । ଖରାତେଜରେ ମୁହଁର ତ୍ୱଚା ଅଧିକ ପ୍ରଭାବିତ ହୋଇଥାଏ । ସୂର୍ଯ୍ୟଙ୍କର ପ୍ରଖର ତାପରେ ତ୍ୱଚାରେ କଳାଦାଗ ପଡ଼ିଥାଏ । ସୂର୍ଯ୍ୟଙ୍କର ଅଲଟ୍ରା ଭାଓଲେଟ୍ (ଅତି ବାଇଗଣୀ) ରଶ୍ମୀ ହେଉଛି ତ୍ୱଚା ପାଇଁ କ୍ଷତିକାରକ । ସନସ୍କ୍ରିନ ଅଥବା ଘରୋଇ ପଦ୍ଧତିରେ ପ୍ରସ୍ତୁତ ପ୍ୟାକ୍ ତ୍ୱଚାକୁ ଅତି ବାଇଗଣୀ ରଶ୍ମୀଠାରୁ ରକ୍ଷା କରିଥାଏ ।

ସନସ୍କ୍ରିନ୍

ଏହା ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମୀରୁ ତ୍ୱଚାକୁ ସୁରକ୍ଷିତ ରଖେ । ଗାଧୋଇ ସାରିବା ପରେ ଶରୀରର ଅନାବୃ□ ସ୍ଥାନରେ ସନସ୍କ୍ରିନ୍ ଲଗାନ୍ତୁ । ବାହାରକୁ ଯିବାର ଅଧଘ□। ପୂର୍ବରୁ ସନସ୍କ୍ରିନ୍ ଲଗାଇବା ଉଚିତ୍ । ଏହାକୁ ତ୍ୱଚାରେ ମିଶିବାକୁ ଦିଅନ୍ତୁ । ତୈଳାକ୍ତ ତ୍ୱଚା ପାଇଁ ଜେଲ ବେସ୍‌ଡ, ଶୁଷ୍କ ତ୍ୱଚା ପାଇଁ କ୍ରିମ୍ ବେସ୍‌ଡ ଏବଂ ସାଧାରଣ ତ୍ୱଚା ପାଇଁ ଫାଉଣ୍ଡେସନ ବେସ୍‌ଡ ସନସ୍କ୍ରିନ୍ ଲଗାଇବା ଆବଶ୍ୟକ ।

ଘରୋଇ ପ୍ୟାକ୍

ଏକ ଚାମଚ ଟମାଟୋ ରସ ଏବଂ ଲେମ୍ବୁରସକୁ ମିଶାଇ ମୁହଁରେ ଲଗାନ୍ତୁ । ୧୦ ମିନିଟ୍ ପରେ ଏହାକୁ ଧୋଇ ମଏଶ୍ଚରାଇଜର ଲଗାଇ ବାହାରେ ବୁଲିଆସନ୍ତୁ । ନିଜର ଖାଦ୍ୟପେୟ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ପ୍ରତିଦିନର ଖାଦ୍ୟ ମଧ୍ୟରେ ଅତି କମ୍‌ରେ ଦୁଇଗ୍ଲାସ ଫଳରସ ପାନ କରନ୍ତୁ । ଦହି ଖାଆନ୍ତୁ । କ□।ଫଳ ଏବଂ ପନିପରିବା ମଧ୍ୟ ସେବନ କରନ୍ତୁ । ପ୍ରାତଃ, ମଧ୍ୟାହ୍ନ ଏବଂ ରାତ୍ର ଭୋଜନରେ କ'ଣ ଖାଇବେ ତା' ଚାର୍ଟ ପ୍ରସ୍ତୁତ କରନ୍ତୁ । ପ୍ରାତଃ ଭୋଜନରେ ୧ ଗ୍ଲାସ୍ ଫଳରସ, ୨ ଖଣ୍ଡ ବ୍ରେଡ୍ ଟୋଷ୍ଟ ଏବଂ ଗୋଟିଏ ଅଣ୍ଡାର ଧଳା ଅଂଶ ଖାଆନ୍ତୁ । ସେହିପରି ମଧ୍ୟାହ୍ନ ଭୋଜନରେ ୧ କପ୍ ଭାତ, ୨ ଗିନା ଡ଼ାଲମା, ୧ ଗିନା ପରିବା ସନ୍ତୁଳା ଏବଂ ୧୦୦ ଗ୍ରାମ୍ ଦହି ସେବନ କରନ୍ତୁ । ରାତ୍ର ଭୋଜନରେ ଦୁଇଟି ରୁଟି, ୧ ଗିନା ପରିବା ତରକାରୀ ଏବଂ ୧ ଗିନା ଡ଼ାଲି ଖାଆନ୍ତୁ । ଅନ୍ୟ ସମୟରେ ବେଳେବେଳେ ସାଲାଡ୍ ଖାଆନ୍ତୁ ।

ପରଫ୍ୟୁମ୍‌ର ବ୍ୟବହାର

ସୁଗନ୍ଧିତ ବାତାବରଣ ସମସ୍ତଙ୍କୁ ଭଲ ଲାଗେ । ସୁଗନ୍ଧଯୁକ୍ତ ଫୁଲ, ଅତର, ପାଉଡର, କ୍ରିମ୍ ମନକୁ ଆନନ୍ଦିତ କରେ । ସୁଗନ୍ଧ ହେଉଛି କାମୋ ଜକ । ଭଲ ପାଇବାରେ ଏହା ସାହାଯ୍ୟ କରେ । ଶରୀରକୁ ସୁଗନ୍ଧିତ ରଖିବା ପାଇଁ ଆଜିକାଲି ବିଭିନ୍ନ ପ୍ରକାର ପରଫ୍ୟୁମ ଉପଲବ୍ଧ ହେଉଛି । ତେବେ ପରଫ୍ୟୁମ୍ କିପରି ବ୍ୟବହାର କରିବେ ସେ ସଂପର୍କରେ ଟିପ୍ସ....



- ଉ□ମ ଗୁଣର ପରଫ୍ୟୁମ୍ ବ୍ୟବହାର କରନ୍ତୁ ।
- ସ୍ପ୍ରେ କରିବା ପରେ ପ୍ରଥମେ ଔଷଧୀୟ ଗନ୍ଧ ଏବଂ ତାପରେ ଉଦ୍ଦିଷ୍ଟ ସୁଗନ୍ଧ ଆସିଲେ ଭଲ ।
- ପରଫ୍ୟୁମ୍ ବ୍ୟବହାର ପୂର୍ବରୁ ତା'ର ଏଲର୍ଜି ଟେଷ୍ଟ କରିବା ଦରକାର । କାନ ମୂଳରେ ସାମାନ୍ୟ ସ୍ପ୍ରେ କରି ୧୫/୨୦ ମିନିଟ୍‌ରେ ପରେ ପ୍ରତିକ୍ରିୟା ପରଖି ନିଅନ୍ତୁ ।
- ଗୋଟିଏ ନିର୍ଦ୍ଦିଷ୍ଟ ପରଫ୍ୟୁମ୍ ବ୍ୟବହାର କରନ୍ତୁ । ବିଭିନ୍ନ ପ୍ରକାର ପରଫ୍ୟୁମ୍ ଏକତ୍ର ବ୍ୟବହାର ଭଲ ନୁହେଁ ।
- ପରଫ୍ୟୁମ୍‌ର ଠିପି ଟାଇଟ୍ କରି ଅନ୍ଧାରିଆ ସ୍ଥାନରେ ରଖନ୍ତୁ ।
- ଗାଧୋଇସାରି ପରଫ୍ୟୁମ୍‌କୁ କାନମୂଳ, କାଖତଳ, ଛାତିର ମଧ୍ୟଭାଗ, କଚଟି ଆଦିରେ ସ୍ପ୍ରେ କରନ୍ତୁ । ସମଗ୍ର ଦେହରେ ସ୍ପ୍ରେ କରିବା ଠିକ୍ ନୁହେଁ ।
- ହାଲ୍‌କା ଭାବରେ ସ୍ପ୍ରେ କରନ୍ତୁ । ଦୂରରୁ ସ୍ପ୍ରେ କରିବେ ନାହିଁ । କାରଣ ପବନରେ ଅଧା ଉଡ଼ିଯିବ ।
- ବଡ଼ ବୋତଲ ପରିବ□େ ଛୋଟ ଶିଶି ଭଲ । କାରଣ ଥରେ ଠିପି ଖୋଲିଲେ ତାହା ଉଡ଼ିଯାଏ । ଗନ୍ଧ ମଧ୍ୟ ଫିକା ପଡ଼ିଯାଏ ।

ଦାମ୍ପତ୍ୟ ସମ୍ପର୍କ ମଜଭୁତ ରଖିବା ପାଇଁ

ପରିବାରକୁ ସମୁଚିତ ରୂପରେ ଚଳାଇବା ପାଇଁ ପତି-ପତ୍ନୀ ଉଭୟଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ପରିବାର ପ୍ରତି ଉଭୟଙ୍କର ସମାନ କ□ବ୍ୟ ଏବଂ ଉ□ରଦାୟିତ୍ୱ ରହିଥିବାବେଳେ ଦୁହିଁଙ୍କର ମଧ୍ୟ ସମାନ ଅଧିକାର ରହିଛି । ଏଥିରେ ବ୍ୟତିକ୍ରମ ଘଟିଲେ ସବୁ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୁଏ । କାରଣ ଉଭୟଙ୍କ ସହଯୋଗରେ ପରିବାର ଚାଲିଥାଏ । ଦୁହିଁଙ୍କ ମଧ୍ୟରୁ କେହି ଜଣେ ସହଯୋଗ ବନ୍ଦ କଲେ ସଂପୂର୍ଣ୍ଣ ପରିବାର ଉପରେ ଏହାର ଖରାପ ପ୍ରଭାବ ପଡ଼ିଥାଏ । ସେ ଦୃଷ୍ଟିରୁ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ପ୍ରେମ-ସ୍ନେହ ଭାବ ସର୍ବଦା ବଜାୟ ରହିବା ଜରୁରୀ । ଦୁହିଁଙ୍କ ମଧୁର ସଂପର୍କ ଅତୁଟ ରହିଲେ ପରିବାର ହସଖୁସିରେ ଆଗେଇ ଚାଲିବ । କିଛି ନିୟମ ମାନି ଚଳିଲେ ଦାମ୍ପତ୍ୟ ଜୀବନ ସବୁବେଳେ ସଫଳ ପୂର୍ବକ ନିର୍ବାହ କରିହେବ ।

- ପ୍ରେମକୁ ବଜାୟ ରଖିବା ପାଇଁ ନେବା ପରିବ□େ ଦେବାକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ । ହୃଦୟ ମଧ୍ୟରୁ ଯେଉଁ ପ୍ରେମ ଆସେ ତାହା ହିଁ ପ୍ରକୃତ ପ୍ରେମ ।
- ମଧୁର ସଂପର୍କ ନିମନ୍ତେ ସର୍ବଦା ପ୍ରେମଭାବ ପ୍ରକଟ କରିବା ଉଚିତ୍ । କାରଣ ପରିପକ୍ୱ ପ୍ରେମ ଦେବା-ନେବାରେ ସନ୍ତୁଳନ ରଖିଥାଏ ।
- ଅବିଶ୍ୱାସ ପ୍ରେମ ହେଉଛି ବିଷ ସଦୃଶ । ଏଥିରେ ସଂପର୍କ ବିଚ୍ଛିନ୍ନ ହୁଏ । ପ୍ରତ୍ୟେକ ସଂପର୍କରେ ବିଶ୍ୱାସ ହେଉଛି ବଡ଼କଥା । ଭଲ ଏବଂ ସୁଖି ସଂପର୍କ ପାଇଁ ପରସ୍ପର ପରସ୍ପରକୁ ବିଶ୍ୱାସ କରିବା ଉଚିତ୍ । ଜଣେ ଅନ୍ୟ ଜଣଙ୍କ ଦୋଷତ୍ରୁଟି ବାଛି ସମାଧାନର ଉପାୟ ବାହାର କରିବା ଜରୁରୀ ।
- ପରସ୍ପର ପରସ୍ପର ପ୍ରତି ଏପରି ବ୍ୟବହାର କରିବା ଉଚିତ୍ ଯଦ୍ୱାରା ଉଭୟଙ୍କର ମହତ୍ୱ ଏବଂ ଗୌରବ ବୃଦ୍ଧି ହୋଇପାରିବ । ଦୋଷ ତ୍ରୁଟି ସମସ୍ତଙ୍କର ରହିଛି । ସେ ଦୃଷ୍ଟିରୁ ଜଣେ ଅନ୍ୟ ଜଣକ ପ୍ରତି କ୍ଷମାଶୀଳ ହେବା ସାଙ୍ଗକୁ କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଉଚିତ୍ । ଭୁଲ୍ ଭଟକା ଗୁଡ଼ିକ ବିଶ୍ୱାସର ସହିତ ବୁଝାଇ ସୁଧାରିନେବାକୁ ପରାମର୍ଶ ଦେବା ଆବଶ୍ୟକ ।
- ସମୟ ଅଭାବ ରହୁଥିଲେ ମଧ୍ୟ ପରସ୍ପର ମଧ୍ୟରେ ଆପୋଷ କଥାବା□। ବଜାୟ ରହିବା ଜରୁରୀ । କାରଣ ଏହାଦ୍ୱାରା ଯେ କୌଣସି ବଡ଼ ସମସ୍ୟାର ସମାଧାନ କରାଯାଇପାରିବ ।
- କୌଣସି କାର୍ଯ୍ୟରେ ପରସ୍ପରର ସହଯୋଗ ବା□ନ୍ତୁ । ଜଣକ ଉପରେ ସବୁକାମର ବୋଝ ଲଦି ଦିଅନ୍ତୁ ନାହିଁ ।
- ଜଣେ ଅନ୍ୟଜଣଙ୍କର ଇଚ୍ଛାକୁ ପୂରଣ କରିବା ପାଇଁ ଚେଷ୍ଟା କରନ୍ତୁ । କୌଣସି ପରିସ୍ଥିତିରେ ଇଚ୍ଛାକୁ ଚାପି ଦେବା ପାଇଁ ଉଦ୍ୟମ କରନ୍ତୁ ନାହିଁ ।
- ଦେଖାଯାଏ ବିବାହ ପରେ ଦାୟିତ୍ୱ ଯେତେବଢ଼େ ପତି-ପତ୍ନୀଙ୍କ ମଧ୍ୟରେ ଦୋସ୍ତି ଭାବେ ସେତେ କମେ । ମାତ୍ର ମନୋବିଜ୍ଞାନୀମାନଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଦୋସ୍ତିଭାବ ବଜାୟ ରହିବା ଉଚିତ୍ । ଦୋସ୍ତିଭାବ ନ ରହିଲେ ଛୋଟ ବଡ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗେ ଏବଂ ପରେ ପରିସ୍ଥିତି ଭୟଙ୍କର ରୂପ ନିଏ ।
- ଆପୋଷ ତାଳମେଳ ବଜାୟ ରଖିବା ପାଇଁ ଉଭୟଙ୍କ ମଧ୍ୟରେ ସମର୍ପଣ ଭାବ ଉଦ୍ରେକ ହେବା ଜରୁରୀ । ଜଣେ ଅନ୍ୟ ଜଣଙ୍କର ଖୁସି ପ୍ରତି ଧ୍ୟାନ ରଖିବା ସାଙ୍ଗକୁ ଜୀବନସାଥୀଙ୍କ ଖୁସି ପାଇଁ ଯଦି କିଛି ଉତ୍ସର୍ଗ କରିବାକୁ ପଡେ ତାହା କରିବା ଉଚିତ୍ । ଫଳରେ ସୁଖଶାନ୍ତି ବଜାୟ ରହିବ ।

ପୂଣ୍ୟକ୍ଷେତ୍ର ହୋଇବି କାନ୍ଦୁଛି ମହେନ୍ଦ୍ରଗିରି

ଓଡ଼ିଶା ମାଟିର ଶିରି ସେ ଯେ ମହେନ୍ଦ୍ର ଗିରି, ମେରୁର ବାୟବ୍ୟ କୋଣେ ଅଗ୍ନିନାଶେ ସାର, ଅଗ୍ନିକୋଣ ଅଟଇ ମହେନ୍ଦ୍ର ଗିରିବର । ଓଡ଼ିଶା-ଆନ୍ଧ୍ର ସୀମାରେ ରହିଥିବା ପବିତ୍ର ମହେନ୍ଦ୍ରଗିରି ପୂର୍ଣ୍ୟ କ୍ଷେତ୍ର ଅଟେ । ବିଶ୍ୱ ଦରବାରରେ ପୂଜ୍ୟ ଯୋଗ୍ୟ ଥାଇବି ପର୍ଯ୍ୟଟନସ୍ଥଳୀର ମାନ୍ୟତା ଆଢୁଆଳରେ ରହିଛି । ପୁରାଣରେ ଏହାର ଅନେକ ବିଶେଷତ୍ୱ ରହିଛି । ତଥାପି ଏହି ପୂଣ୍ୟ କ୍ଷେତ୍ର ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ବଙ୍ଗୋପସାଗରର ତଟ ଦେଶରେ ପ୍ରାକୃତିକ ଶୋଭାରାଜିରେ ବିମଣ୍ଡିତ ମହେନ୍ଦ୍ରଗିରି । ଏହାର ମହାତ୍ମ୍ୟର ପ୍ରଚାର ଓ ପ୍ରସାର ନଥିବା ଯୋଗୁଁ ପୂଣ୍ୟ କ୍ଷେତ୍ର ହୋଇବି ଆଜି କାନ୍ଦୁଛି ମହେନ୍ଦ୍ରଗିରି । ଏହି ପୂଣ୍ୟ କ୍ଷେତ୍ରର ମହାତ୍ମ୍ୟ ସଂପର୍କରେ ଏକ ବିଶେଷ ରିପୋର୍ଟ...



ଓଡ଼ିଶା ମାଟିର ଶିରି ସେ ଯେ ମହେନ୍ଦ୍ର ଗିରି, ମେରୁର ବାୟବ୍ୟ କୋଣେ ଅଗ୍ନିନାଶେ ସାର, ଅଗ୍ନିକୋଣ ଅଟଇ ମହେନ୍ଦ୍ର ଗିରିବର (ନାମରତ୍ନ ଗୀତା) । ମହେନ୍ଦ୍ରଗିରି ବିଶ୍ୱ ଦରବାରରେ ପୂଜ୍ୟ ଯୋଗ୍ୟ ଥାଇ ବି ଆଜି ପର୍ଯ୍ୟଟନସ୍ଥଳୀର ମାନ୍ୟତାର ଆଢୁଆଳରେ ରହିଛି । ଏହା ସ□ ମଧ୍ୟ ପବିତ୍ର ମହେନ୍ଦ୍ରଗିରି ପୂର୍ଣ୍ୟକ୍ଷେତ୍ରର ମାନ୍ୟତା ପାଇବାରେ ସଂପୂର୍ଣ୍ଣ ଶୀର୍ଷରେ । ବିଶ୍ୱ ଦରବାରରେ ପ୍ରାଚୀନ ଐତିହ୍ୟ ପୀଠ ଭାବେ ପୌରାଣିକ କୀମ୍ବଦନ୍ତୀର ଦୃଷ୍ଟାନ୍ତ ମିଳୁଛି ମହେନ୍ଦ୍ର ଗିରିଠାରେ ।

ଭାରତବର୍ଷର ଦକ୍ଷିଣ ପୂର୍ବ ଦିଗରେ ମହେନ୍ଦ୍ର ପର୍ବତମାଳା ଅବସ୍ଥିତ । ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ସୀମା ଅ□ଳ ବଙ୍ଗୋପସାଗରର ତଟ ଦେଶରେ ପ୍ରାକୃତିକ ଶୋଭାରାଜିରେ ବିମଣ୍ଡିତ ମହେନ୍ଦ୍ରଗିରି । ଏହାର ପୂର୍ବଦିଗରେ ଆନ୍ଧ୍ର ପ୍ରଦେଶର ମଞ୍ଜୁଷା, ଉ□ରରେ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକ୍‌ର ତୁମ୍ବାଗଡ଼ ଓ ପଶ୍ଚିମରେ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍‌ର କଇଁପୁର ରହିଛି । ପୂର୍ବଦିଗରେ ବଙ୍ଗୋପସାଗରର ଉ□ୁଙ୍ଗ ଜଳରାଶି । ଉ□ର ଦିଗରେ ଋଷିକୂଲ୍ୟ ଓ ଦକ୍ଷିଣ ପଶ୍ଚିମ ଦିଗରେ ବଂଶଧାରା ଏବଂ ଏହାର ବକ୍ଷ ଦେଶରୁ ବାହାରିଛି ମହେନ୍ଦ୍ର ତନୟା ନଦୀ ମହେନ୍ଦ୍ର କନ୍ୟା । ଚତୁର୍ଦ୍ଦିଗରେ ଘେରି ରହିଛି ଋଷିମାଳ, ଦେମଗିରି, ଶୃଙ୍ଗରାଜ ଓ ସାତଭଉଣୀ ଶୃଙ୍ଗ ଆଦି ପର୍ବତମାଳା । ପୂର୍ବଦିଗରେ ମଞ୍ଜୁଷାଗଡ଼, ସମୋପେଣ୍ଟ, ପଲାଶା ଓ ଉ□ର ଦିଗରେ ରହିଛି ପାରଳାଖେମୁଣ୍ଡି ସହର ।

ଏହାର ଭୌଗଳିକ ସ୍ଥିତି ୧୮୦°-୮୫'-୧୦ ଉ□ର ଅକ୍ଷାଂଶ ଏବଂ ୮୫°-୨୬-୪ ପୂର୍ବ ଦ୍ରାଘିମାରେ ରହିଛି । ଏହାର ଉଚ୍ଚତା ୪୯୭୩ ଫୁଟ ବା ୧୫୦୧ ମିଟର । ମହେନ୍ଦ୍ର ଗିରି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ବାସଭବନ ପାରଳା ସହରଠାରୁ ମାତ୍ର ୪୮ କିମି, କଇଁପୁର ଠାରୁ ୭ କିମି ବୁରଖତ ଛକଠାରୁ ମାତ୍ର ୪କିମି ଦୂରରେ ଅବସ୍ଥିତ ।

ଏହାର ମହାତ୍ମ୍ୟର ପ୍ରଚାର ଓ ପ୍ରସାର ନଥିବା ଯୋଗୁଁ ପୂଣ୍ୟ କ୍ଷେତ୍ର ହୋଇବି ଆଜି କାନ୍ଦୁଛି ମହେନ୍ଦ୍ରଗିରି । ଏହା କାହିଁକି ପୂର୍ଣ୍ୟକ୍ଷେତ୍ର ତାହା ଯଦି ଆମେ ଜାଣିବାକୁ ଚାହିଁବା ତେବେ ନିଶ୍ଚିତ ଭାବେ ମହେନ୍ଦ୍ରଗିରି ପ୍ରତି ଆକୃଷ୍ଟ ହେବ । ମହେନ୍ଦ୍ର ପର୍ବତମାଳାରୁ ପ୍ରବାହିତ ନଦୀମାନଙ୍କ ମଧ୍ୟରେ ଗୋଡାହାଡ଼, ଋଷକୂଲ୍ୟା, ବାହୁଦା, ବେଗବତୀ, ବଂଶଧାରା, ମହେନ୍ଦ୍ରତନୟା ରହିଛି ଯାହାକି ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ ନାମରେ ନାମିତ ହୋଇଛି ।

- ପୁରାଣରେ ବର୍ଣ୍ଣିତ ଭୁଗୋଳରେ କୁଳପର୍ବତ ଯଥାକ୍ରମେ ମଳୟ, ସହ୍ୟ, ମହେନ୍ଦ୍ର, ଶକ୍ତିମାନ, ବିନ୍ଧ୍ୟ ଓ ପରିଯାତ୍ର ମଧ୍ୟରେ ମହେନ୍ଦ୍ର ଶ୍ରେଷ୍ଠ ବୋଲି ଉଲ୍ଲେଖ ଅଛି ।

- ସତ୍ୟ ଯୁଗରେ ଭଗବାନ ମହାଦେବ ଗୋହତ୍ୟା ଦୋଷରୁ ମୁକ୍ତିପାଇଁ ମନେନ୍ଦ୍ର ପର୍ବତରେ ତପସ୍ୟା କରି ଗୋକର୍ଣ୍ଣେକଶ୍ୱର ପ୍ରତିଷ୍ଠା କରିଥିଲେ ଯାହାକି ବ□ମାନ କୁନ୍ତି ମନ୍ଦିର ନାମରେ ପରିଚିତ ।

- ତ୍ରେତୟା ଯୁଗରେ ଭଗବାନ ପର୍ଶୁରାମଙ୍କ ତପସ୍ଥଳୀ ।

- ବଜରଙ୍ଗବାଲିଙ୍କ ଲଙ୍କାକୁ ଲମ୍ଫ ପ୍ରଦାନ ସ୍ଥଳୀ ।

- ଦ୍ୱାପର ଯୁଗରେ ପ□ୁପାଣ୍ଡବଙ୍କ ଅଜ୍ଞାତ ବନବାସସ୍ଥଳୀ ମହେନ୍ଦ୍ରଗିରିରେ ନୀଳମାଧବଙ୍କ ପୂଜା ଓ ଦାରୁବ୍ରହ୍ମରୁ ଆଦ୍ୟସ୍ଥଳୀ ଭାବେ ପୂଜା ପାଇ ଆସୁଛି । ଏହି ପର୍ବତରେ ପ□ୁପାଣ୍ଡବଙ୍କ ନାମରେ ନାମିତ ଭୀମ ମନ୍ଦିର, ଯୁଧିଷ୍ଠିର, ନକୁଳ ସହଦେବ ଓ ଅର୍ଜୁନ ମନ୍ଦିର, କୁନ୍ତି ମନ୍ଦିର ବିଦ୍ୟମାନ । ଏଥିସହ ମହେନ୍ଦ୍ରଶ୍ୱର, ଧର୍ମ ରାଜେଶ୍ୱର, ଭୀମଶ୍ୱ, ଅର୍ଜୁନେଶ୍ୱର, ନକୁଳେଶ୍ୱର, ସହଦେବଶ୍ୱର, କୁବେରେଶ୍ୱର, ଚନ୍ଦ୍ରେଶ୍ୱର, ବ୍ରହ୍ମେଶ୍ୱର ନାମକ ଅନେକ ଶିବଲିଙ୍ଗ ପୂଜା ପାଉଥିବା ମହା ଭାରତରେ ବର୍ଣ୍ଣିତ ।

ଏହାର ମହାତ୍ମ୍ୟର ପ୍ରଚାର ଓ ପ୍ରସାର ନଥିବା ଯୋଗୁଁ ପୂଣ୍ୟ କ୍ଷେତ୍ର ହୋଇବି ଆଜି କାନ୍ଦୁଛି ମହେନ୍ଦ୍ରଗିରି । ଏହା କାହିଁକି ପୂର୍ଣ୍ୟକ୍ଷେତ୍ର ତାହା ଯଦି ଆମେ ଜାଣିବାକୁ ଚାହିଁବା ତେବେ ନିଶ୍ଚିତ ଭାବେ ମହେନ୍ଦ୍ରଗିରି ପ୍ରତି ଆକୃଷ୍ଟ ହେବା । ମହେନ୍ଦ୍ର ପର୍ବତମାଳାରୁ ପ୍ରବାହିତ ନଦୀମାନଙ୍କ ମଧ୍ୟରେ ଗୋଡାହାଡ଼, ଋଷକୂଲ୍ୟା, ବାହୁଦା, ବେଗବତୀ, ବଂଶଧାରା, ମହେନ୍ଦ୍ରତନୟା ରହିଛି ଯାହାକି ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ ନାମରେ ନାମିତ ହୋଇଛି ।

- ପୁରାଣରେ ବର୍ଣ୍ଣିତ ଭୁଗୋଳରେ କୁଳପର୍ବତ ଯଥାକ୍ରମେ ମଳୟ, ସହ୍ୟ, ମହେନ୍ଦ୍ର, ଶକ୍ତିମାନ, ବିନ୍ଧ୍ୟ ଓ ପରିଯାତ୍ର ମଧ୍ୟରେ ମହେନ୍ଦ୍ର ଶ୍ରେଷ୍ଠ ବୋଲି ଉଲ୍ଲେଖ ଅଛି ।

- ସତ୍ୟ ଯୁଗରେ ଭଗବାନ ମହାଦେବ ଗୋହତ୍ୟା ଦୋଷରୁ ମୁକ୍ତିପାଇଁ ମନେନ୍ଦ୍ର ପର୍ବତରେ ତପସ୍ୟା କରି ଗୋକର୍ଣ୍ଣେକଶ୍ୱର ପ୍ରତିଷ୍ଠା କରିଥିଲେ ଯାହାକି ବ□ମାନ କୁନ୍ତି ମନ୍ଦିର ନାମରେ ପରିଚିତ ।

- ତ୍ରେତୟା ଯୁଗରେ ଭଗବାନ ପର୍ଶୁରାମଙ୍କ ତପସ୍ଥଳୀ ।

- ବଜରଙ୍ଗବାଲିଙ୍କ ଲଙ୍କାକୁ ଲମ୍ଫ ପ୍ରଦାନ ସ୍ଥଳୀ ।

- ଦ୍ୱାପର ଯୁଗରେ ପ□ୁପାଣ୍ଡବଙ୍କ ଅଜ୍ଞାତ ବନବାସସ୍ଥଳୀ ମହେନ୍ଦ୍ରଗିରିରେ ନୀଳମାଧବଙ୍କ ପୂଜା ଓ ଦାରୁବ୍ରହ୍ମରୁ ଆଦ୍ୟସ୍ଥଳୀ ଭାବେ ପୂଜା ପାଇ ଆସୁଛି । ଏହି ପର୍ବତରେ ପ□ୁପାଣ୍ଡବଙ୍କ ନାମରେ ନାମିତ ଭୀମ ମନ୍ଦିର, ଯୁଧିଷ୍ଠିର, ନକୁଳ ସହଦେବ ଓ ଅର୍ଜୁନ ମନ୍ଦିର, କୁନ୍ତି ମନ୍ଦିର ବିଦ୍ୟମାନ । ଏଥିସହ ମହେନ୍ଦ୍ରଶ୍ୱର, ଧର୍ମ ରାଜେଶ୍ୱର, ଭୀମଶ୍ୱର, ଅର୍ଜୁନେଶ୍ୱର, ନକୁଳେଶ୍ୱର, ସହଦେବଶ୍ୱର, କୁବେରେଶ୍ୱର, ଚନ୍ଦ୍ରେଶ୍ୱର, ବ୍ରହ୍ମେଶ୍ୱର ନାମକ ଅନେକ ଶିବଲିଙ୍ଗ ପୂଜା ପାଉଥିବା ମହା ଭାରତରେ ବର୍ଣ୍ଣିତ ।

ପ□ୁପାଣ୍ଡବଙ୍କ ସ୍ୱର୍ଗଦ୍ୱାର ମହେନ୍ଦ୍ରଗିରିର ବୁରଖତ ହନୁମାନ, ତୁମ୍ବାର ପର୍ଶୁରାମ କୁଣ୍ଡ, ଜିରାଙ୍ଗ ବଳଦେବ ରଘୁନାଥ, ଗାରାବନ୍ଧର ସୀତା ପର୍ବତ, ଶିଙ୍ଗିପୁରଠାରେ ମହାବିନାୟକ, ରାଜବସାଠାରେ ଭୀମରୂପ, କଇଁପୁରଠାରେ ମହେନ୍ଦ୍ର ମାଳିଆ ଲୁହୁର୍ଣ୍ଣି, ରାଧକୃଷ୍ଣ ମନ୍ଦିର, ଲେକନାଥେଶ୍ୱର, ଗଣେଶ, ନିଳାମା, ବଣ କୁଠାରୀ, ଠାକୁରାଣି, ପାଲଟା ରାମଗିରିରେ କୁରେଇଶୁଣି ଅଦି ଆଧ୍ୟାତ୍ମିକ କ୍ଷେତ୍ର ରହିଛି ।

ଏଥିସହିତ ଆଶ୍ଚର୍ଯ୍ୟ ଭାବେ ଭୀମ ମନ୍ଦିରର ନିର୍ମାଣ କୌଶଳ, ମହେନ୍ଦ୍ରଗିରିଠାରୁ ପୁରୀଯାଏ ଶୃଙ୍ଗ, ନିର୍ଜନେ ଶଙ୍ଖମହୁରୀର ନାଦ ଓ ସୂର୍ଯ୍ୟୋଦୟର ଚି□ାକର୍ଷକ ଦୃଶ୍ୟ ଭକ୍ତମାନଙ୍କୁ ଅତ୍ୟନ୍ତ ଆକୃଷ୍ଟି କରିଥାଏ । ଭୀମ ମନ୍ଦିରର ପାପପୂର୍ଣ୍ୟ ନେଇ ମନ୍ଦିର ଫାଟକ ଦେଇ ଭକ୍ତମାନେ ଯାଇଥାନ୍ତି । ମୋଟା ଲୋକେ ବି ଛୋଟ ଫାଟକ ଦେଇ ଯାଇଥାନ୍ତି ଯାହାକି ପାପପୂର୍ଣ୍ୟ ଅନୁଯାଇ ଯାଇପାରନ୍ତି ବୋଲି ବିଶ୍ୱାସ କରନ୍ତି । ବହୁ ବୃଦ୍ଧବୃଦ୍ଧ ମଧ୍ୟ ଭୀମନାମ ଉଚ୍ଚାରଣ କରି ପାହାଡ଼ ଚଢ଼ି ଦର୍ଶନ କରିଥାନ୍ତି । ରାତ୍ରିସାରା ଉଜାଗର ରହି ଲୋକେ ସୂର୍ଯ୍ୟୋଦୟ ଦେଖି ଫେରିଥାନ୍ତି । ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପାରମ୍ପରିକ ରୀତିରେ ଜନସାଧାରଣଙ୍କ ସୁରକ୍ଷା ନେଇ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ପର୍ଯ୍ୟଟନର ଆଢୁଆଳ ହେତୁ ଆଜି ମହେନ୍ଦ୍ର ଗିରିର ଉନ୍ନତି ବାଧକ ସାଜିଛି । ଓଡ଼ିଶା ସରକାର ଏବଂ ପ୍ରତ୍ନତ□ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ମହେନ୍ଦ୍ରଗିରି ଏକ ପୂର୍ଣ୍ୟ କ୍ଷେତ୍ର ଓ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇପାରିବ ।

ମଦ୍ୟପାନର କୁପ୍ରଭାବ

ରିପୋର୍ଟ ଅନୁସାରେ ପ୍ରତିବର୍ଷ ମଦ୍ୟପାନ ଜନିତ ହୃଦ୍‌ରୋଗ, କ୍ୟାନସର, ଦୁର୍ଘଟଣା ଏବଂ ଆତ୍ମହତ୍ୟା ଯୋଗୁଁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥାନ୍ତି । ମଦ୍ୟପାନ ଯେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଏହା କହିବା ନିଃସନ୍ଦେହ । ନିୟମିତ ଭାବରେ ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା ହୃତପିଣ୍ଡ ଉପରେ ତା'ର ପ୍ରଭାବ ପଡେ । ହୃତପିଣ୍ଡର ଅନିୟମିତ ସ୍ପନ୍ଦନ, ପରିବର୍ଦ୍ଧିତ ହୃଦ୍‌ପିଣ୍ଡ ଏବଂ ଉଚ୍ଚ ରକ୍ତଚାପ ଆଦି ଖୋଦିଏ । ମଦ୍ୟପାନ ଯୋଗୁଁ କେନ୍ଦ୍ରୀୟ ସ୍ନାୟୁତନ୍ତ୍ର ନଷ୍ଟ ହୋଇଯାଏ ଏବଂ ବ୍ୟକ୍ତି ବୃଦ୍ଧିଭ୍ରଂଶ ରୋଗର ଶୀକାର ହୁଏ । ମସ୍ତିଷ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ । ଉଦ୍‌ବେଗ, ସ୍ୱ□ହୀନତା, ଅସ୍ୱଷ୍ଟତା, ଆକସ୍ମିକ ଭୟ, ଅସ୍ୱଷ୍ଟ ଦୃଷ୍ଟି ଆଦି ମଦ୍ୟପ ଠାରେ ଦେଖିବାକୁ ମିଳେ । ଅସ୍ଥିକୁ ସଂଯୋଗ କରୁଥିବା ମାଂସପେଶୀ ଦୁର୍ବଳ ହୋଇଯାଏ । ମଦ୍ୟପାନ ଯୋଗୁଁ ପ୍ରଥମେ ଉ□ଜନା ଆସେ ଏବଂ ତାପରେ ଶରୀରୁ ଝାଳ ବାହାରେ । ଏହା ପରେ ଦେହର ଉ□ାପ ହ୍ରାସ ପାଇ ମୃତ୍ୟୁ ଘଟେ । ମଦ୍ୟପର ଗ୍ରାସ ନଳୀରେ କ୍ୟାନସର ଏବଂ ପାକସ୍ଥଳୀରେ ଘା' ହୋଇଥାଏ । ଅଗ୍ନାଶୟ ନିଷ୍କ୍ରିୟ ହୁଏ ଏବଂ ଝାଡ଼ା ରୋଗ ହୋଇଥାଏ । ଶତକଡ଼ା ୧୦ରୁ ୨୦ ଭାଗ ମଦ୍ୟପଙ୍କ କ୍ଷେତ୍ରରେ ଯକୃତରେ ଜଟିଳତା ଦେଖାଦେଇଥାଏ । ଏଥିମଧ୍ୟରେ ଜଣ୍ଡିସ୍ ଏବଂ ସିରୋସିସ୍ ମୁଖ୍ୟ ରୋଗୀର ପେଟରେ ଯନ୍ତ୍ରଣା ହୁଏ ଏବଂ ଦେହ ଫୁଲିଯାଏ । ପୁରୁଷ ଯୌନ ଅକ୍ଷମତାର ଶୀକାର ହୁଅନ୍ତି । ସେହିପରି ମଦ୍ୟପାନ କରୁଥିବା ନାରୀର ମାସିକ ଋତୁସ୍ରାବରେ ଅନିୟମିତତା ଦେଖାଦିଏ । ଗର୍ଭବତୀ ନାରୀ ମଦ୍ୟପାନ କରୁଥିଲେ ପେଟରେ ବଢୁଥିବା ଶିଶୁ ମଦଜନିତ ଭ୍ରୁଣ ବିଲକ୍ଷଣର ଶୀକାର ହୋଇଥାଏ । ଫଳରେ ଶିଶୁ ଠାରେ ଗ୍ରହଣ ଖଣ୍ଡିଆ, କେନ୍ଦ୍ରୀୟ ସ୍ନାୟୁ ତନ୍ତ୍ରରେ ବିଶୃଙ୍ଖଳା ଦେଖାଦିଏ । ବେଳେବେଳେ ଅବିକଶିତ ଶିଶୁ ଜନ୍ମ ନିଏ । ବଡ ହେଲେ ଏହି ଶିଶୁ ଭଲ ଭାବରେ ଶୁଣିପାରେ ନାହିଁ କି କଥା କହିପାରେ ନାହିଁ । ତେଣୁ ମଦ୍ୟପାନ ଠାରୁ ସଂପୂର୍ଣ୍ଣ ଦୂରେଇ ରହିବା ସବୁଠାରୁ ଭଲ ।

ପର୍ସ ଖାଲି ନହେବାର ଉପାୟ

ଯେକୌଣସି ବ୍ୟକ୍ତିର ଆବଶ୍ୟକତା ପୂରଣ ପାଇଁ ଅର୍ଥର ଆବଶ୍ୟକତା ରହିଛି । ଅର୍ଥର ଅଭାବ ହେଲେ ଯେ କେହି ନିରାଶ ହୋଇଥାନ୍ତି । ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତ ଅର୍ଥ ରୋଜଗାର ପାଇଁ ଦିନରାତି ଏକ କରିଦିଅନ୍ତି । ଅନେକ ସମୟରେ ଲୋକମାନେ ସଚ୍ଚୋଟତାର ସହିତ ଖୁବ୍ ପରିଶ୍ରମ କଲେ ମଧ୍ୟ ତାଙ୍କୁ ଆବଶ୍ୟକ ଅର୍ଥ ମିଳିନଥାଏ । ବ୍ୟକ୍ତିର ଗ୍ରହ ଦୋଷରୁ ଏଭଳି ଅବସ୍ଥା ମଧ୍ୟ ଦେଖାଯାଏ । ତେବେ ଏଭଳି ଦୋଷ ଦୂର କରିବାର ମଧ୍ୟ ଉପାୟ ରହିଛି । ଯଦି କୌଣସି ବ୍ୟକ୍ତିଙ୍କ କୁଣ୍ଡଳୀରେ ଅଶୁଭ ଗ୍ରହ ରହିଛି ତେବେ ଉକ୍ତ ବ୍ୟକ୍ତିର ଆୟରେ ପ୍ରତିକୂଳ ପ୍ରଭାବ ପଡିଥାଏ । ଏଥିପାଇଁ ଧନଦେବୀ ମହାଲକ୍ଷ୍ମୀଙ୍କୁ ଆରାଧାନା କରିବା ଆବଶ୍ୟକ । ମହାଲକ୍ଷ୍ମୀଙ୍କ କୃପା ହେଲେ ଭକ୍ତଙ୍କୁ କେବେ ଧନର ଅଭାବ ହୁଏ ନାହିଁ । ନିୟମିତ ଭାବେ ବିଧି ଅନୁଯାୟୀ ମହାଲକ୍ଷ୍ମୀଙ୍କ ପୂଜା କରନ୍ତୁ । ଅନେକ ସମୟରେ ଦେଖାଯାଏ ଆପଣ ଯଥେଷ୍ଟ ରୋଜଗାର କରୁଛନ୍ତି, କିନ୍ତୁ ଆପଣଙ୍କ ପର୍ସରେ ଆଦୌ ପଇସା ରହୁନାହିଁ । ତେବେ ଆପଣ କୌଣସି ଶୁଭ ମୁହୂ□ରେ ବଜାରରୁ ଦୁଇଟି ହଳଦିଆ ରଙ୍ଗର କଉଡ଼ି କ୍ରୟ କରି ଆଣନ୍ତୁ । ଏହାପରେ ଯେକୌଣସି ଧାର୍ମିକ ଦିବସରେ ବ୍ରାହ୍ମ ମୁହୂ□ରେ ଉଠି ମହାଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତି କରନ୍ତୁ । ପୂଜା ସମୟରେ ଲକ୍ଷ୍ମୀଙ୍କ ଫଟୋଚିତ୍ର ରଖନ୍ତୁ । ଫଟୋଚିତ୍ର ପାଖରେ ଦୁଇଟି ଯାକ ହଳଦିଆ କଉଡି ରଖନ୍ତୁ । ଏହାପରେ ବିଧିର ସହିତ ପୂଜା କରନ୍ତୁ । ପୂଜା କରିବା ପରେ ଦୁଇଟି କଉଡ଼ିକୁ ଅଲଗା ଅଲଗା ଲାଲ କପଡ଼ାରେ ବାନ୍ଧନ୍ତୁ । ଗୋଟିଏ କଉଡ଼ି ଘରେ ପଇସା ରଖୁଥିବା ସ୍ଥାନରେ ରଖନ୍ତୁ । ଅନ୍ୟ କଉଡିଟି ଆପଣଙ୍କ ପର୍ସରେ ରଖନ୍ତୁ । କଉଡିଟି ଆପଣଙ୍କ ପର୍ସରେ ରଖିବା ପରେ କୌଣସି ଅଧର୍ମ କାମ କରିବାରୁ ନିବୃ□ ରହନ୍ତୁ । ନଚେତ୍ ସବୁକିଛି ବ୍ୟର୍ଥ ହୋଇଯିବ । ଆହୁରି ଅନେକ ବିଧି ରହିଛି ଯାହା କଲେ ଆପଣଙ୍କ ପର୍ସରେ କେବେବି ପଇସାର ଅଭାବ ହେବନାହିଁ । ଧ୍ୟାନ ଦିଅନ୍ତୁ, ପର୍ସ ବ୍ୟବହାର କରୁଥିଲେ ଯଥାସମ୍ଭବ ପର୍ସରେ କେବଳ ପଇସା ରଖନ୍ତୁ । ପର୍ସରେ ଅନ୍ୟ କୌଣସି କାଗଜପତ୍ର ରଖନ୍ତୁ ନାହିଁ । କୌଣସି ଖାଇବା ଜିନିଷ ଅଥବା ଔଷଧ ପର୍ସରେ ରଖନ୍ତୁ ନାହିଁ । ଆପଣ ଉପାସନା କରୁଥିବା ଦେବୀ ଦେବତାଙ୍କ ଫଟୋ ପର୍ସରେ ରଖିପାରିବେ । ଏହା ହେଲେ ଆପଣ ବାହାରେ ରହୁଥିବା ସମୟରେ ଉକ୍ତ ଫଟୋ ଦେଖି ଠାକୁରଙ୍କୁ ଆଧାରଧନା କରିପାରିବେ । ଏହାଦ୍ୱାରା ଆପଣଙ୍କ ଫର୍ସ ଖାଲିହେବ ନାହିଁ । ସେହିଭଳି ପର୍ସରେ ନୋଟ୍ ଏବଂ ମୁଦ୍ରା ଅଲଗା ଅଲଗା ରଖନ୍ତୁ । ତାହାଲେ ଦେଖିବେ ଆପଣ ଅଭାବଗସ୍ତ ହେବେ ନାହିଁ ।

ଏଟିଏମ୍ କାର୍ଡଧାରୀ ସତର୍କ ରହନ୍ତୁ

ଦିନକୁ ଦିନ ଏଟିଏମ୍‌ରୁ ଚୋରି ବୃଦ୍ଧି ପାଉଥିବାବେଳେ ଏଟିଏମ୍ କାର୍ଡର ବ୍ୟବହାର ଏବଂ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆମଦେଶରେ ଏଭଳି କାର୍ଡର ବ୍ୟବହାର ଏବେ ସାଧାରଣ ହୋଇଗଲାଣି । ଗ୍ରାହକମାନେ ବ୍ୟାଙ୍କ୍ ଶାଖାରେ ଦୀର୍ଘ ସମୟ ଅପେକ୍ଷା ନକରି ଏଟିଏମ୍ ମେସିନ୍‌ରୁ ଟଙ୍କା ଉଠାଇବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ଏଟିଏମ୍ ମେସିନ୍‌ରୁ କୋଟି କୋଟି ଟଙ୍କା ଚୋରି ଫଳରେ ଗ୍ରାହକମାନେ ଚିନ୍ତାରେ ପଡିଯାଇଛନ୍ତି । ଏଟିଏମ୍ ହ୍ୟାକରମାନେ ଖୁବ୍ ଚତୁରତାର ସହ ଏଟିଏମ୍‌ରୁ ପଇସା ଚୋରି କରି ନେଉଛନ୍ତି । ଏହା ସ□ ଆମେ ଯଦି ସତର୍କତାର ସହ ଏଟିଏମ୍ କାର୍ଡ ବ୍ୟବହାର କରିବା ତେବେ ହ୍ୟାକିଂକୁ ବନ୍ଦ କରିବାରେ ସଫଳ ହୋଇପାରିବା । ସାଧାରଣତ ଡେବିଟ୍ ଅଥବା କ୍ରେଡିଟ୍ କାର୍ଡ ବ୍ୟବହାରକାରୀମାନଙ୍କୁ ବାରମ୍ବାର ସେମାନଙ୍କ ପାସ୍‌ୱାର୍ଡ ବଦଳାଇବା ଏବଂ ଏଟିଏମ୍ ବୁଥ୍‌ରେ ଉପସ୍ଥିତ ଲୋକଙ୍କ ହାବଭାବକୁ ଲକ୍ଷ୍ୟ କରିବାକୁ କୁହାଯାଇଥାଏ । କିନ୍ତୁ ଏହା ଅତ୍ୟନ୍ତ ସାଧାରଣ ଟିପ୍ସ ଅଟେ । ଏଟିଏମ୍ କାର୍ଡ ବ୍ୟବହାର କରିବା ସମୟରେ ଆମକୁ ଅନେକ କେତେକ ସତର୍କତା ଅବଲମ୍ବନ କରିବାକୁ ପଡିବ । ଆସନ୍ତୁ ଏ ସଂପର୍କରେ ଜାଣିବା ।

୧. ବିଶେଷଜ୍ଞମାନଙ୍କ ମତରେ ବ୍ୟାଙ୍କ୍ ନିକଟସ୍ଥ ଏଟିଏମ୍ ବ୍ୟବହାର କରିବା ସୁରକ୍ଷିତ । ଆପଣ ଯେତେଦୂର ପାରୁଛନ୍ତି ବ୍ୟାଙ୍କ୍ ଏଟିଏମ୍‌ରୁ ଟଙ୍କା ଉଠାନ୍ତୁ । ବ୍ୟାଙ୍କ୍‌ଠାରୁ ଦୂରରେ ଥିବା ବିଶେଷକରି ସପିଂ ମଲ୍, ମାର୍କେଟ ଆଦି ଅ□ଳରେ ଥିବା ଏଟିଏମ୍ ମେସିନ୍‌ରୁ ଟଙ୍କା ନ ଉଠାଇବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । କାରଣ ବ୍ୟାଙ୍କ୍ ପାଖରେ ନଥିବା ଏଟିଏମ୍ ମେସିନଗୁଡ଼ିକୁ ଅପରାଧୀମାନେ ଏପଟସେପଟ କରିବା ସହଜ ହୋଇଥାଏ ।

୨. ଏଟିଏମ୍‌ରୁ ଟଙ୍କା ଉଠାଇବା ସମୟରେ ଛାତରେ ଲୁଚି ରହିଥିବା କ୍ୟାମେରା ପ୍ରତି ସତର୍କ ରହନ୍ତୁ । କାରଣ ଆପଣଙ୍କ ଜମାରାଶି ଅଥବା ପିନ୍ ସଂପର୍କରେ ଜାଣିବା ପାଇଁ ଅପରାଧୀମାନେ ଛାତରେ ଅତ୍ୟନ୍ତ ଛୋଟ ଧରଣର କ୍ୟାମେରା ଖଞ୍ଜି ଥାଇ ପାରନ୍ତି । ସେହିଭଳି ଏଟିଏମ୍ ଲାଇନ୍‌ରେ ଆପଣଙ୍କ ପାଖରେ ଠିଆ ହୋଇଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖନ୍ତୁ । କାରଣ ଅପରାଧୀ ଆପଣଙ୍କା କାନ୍ଧ ଉପରେ କିମ୍ବା କୌଣସି କଡରୁ ଆପଣଙ୍କ ପିନ୍ ନମ୍ବର ଦେଖି ମନେ ରଖିଦେଇପାରେ । ଏଥିରୁ ରକ୍ଷା ପାଇବା ପାଇଁ ଆପଣ ସତର୍କତା ଅବଲମ୍ବନ କରନ୍ତୁ ।

୩. ଏଟିଏମ୍‌ରୁ ପଇସା ଚୋରି କରିବା ପାଇଁ ହ୍ୟାକରମାନେ ଏଟିଏମ୍ ମେସିନ ଉପରେ ଅଥବା କୌଣସି ସନ୍ଦିଗ୍ଧ ଡିଭାଇସ୍ ଲଗାଇ ଦେଇଥାନ୍ତି । ଏଟିଏମ୍ ମେସିନରେ ଯଦି କୌଣସି ସନ୍ଦିଗ୍ଧ ଡିଭାଇସ୍ (ଯନ୍ତ୍ରପାତି) ଲାଗିଛି ତେବେ ଏହାଠାରୁ ଦୂରେଇ ରହନ୍ତୁ । ଯଦି କାର୍ଡ ଭ□ କରିବା ସ୍ଥାନରେ କୌଣସି ଜିନିଷ ଲାଗିଛି, ମେସିନ ଉପରେ କିଛି ଲାଗିଛି କିମ୍ବା କି ପ୍ୟାଡ୍ ଦବାଇବାରେ ସମସ୍ୟା ଦେଖାଦେଉଛି, ଏହା ଏଟିଏମ୍ ମେସିନ୍‌ରେ କିଛି ସମସ୍ୟା ରହିଥିବାର ଲକ୍ଷଣ ଅଟେ । ଏଭଳି ସ୍ଥିତିରେ ଏଟିଏମ୍ କାର୍ଡ ବ୍ୟବହାର ନକରି ତୁରନ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ସୂଚନା ଦେବା ଉଚିତ୍ ।

୪. ଏଟିଏମ୍ ବୁଥ୍‌ରେ କମ୍ ସମୟ ରହିବାକୁ ଚେଷ୍ଟା କରନ୍ତୁ । ସେଥିପାଇଁ ଆପଣ ଯେତେବେଳେ ଏଟିଏମ୍ ବୁଥ୍‌କୁ ଯାଉଛନ୍ତି, ସେତେବେଳେ ନିଜର କାର୍ଡ ପ୍ରସ୍ତୁତ ରଖନ୍ତୁ । ଏଟିଏମ୍ ବୁଥ୍ ଭିତରକୁ ଯାଇ କାର୍ଡ ବାହାର କରନ୍ତୁ ନାହିଁ । ଏଟିଏମ୍ ବୁଥ୍ ମଧ୍ୟରେ ପଇସା ଗଣନ୍ତୁ ନାହିଁ । ଏଟିଏମ୍ ଜରିଆରେ କ୍ୟାସ୍ ଡିପୋଜିଟ୍ କରିବାକୁ ଥିଲେ ପୂର୍ବରୁ ଡିପୋଜିଟ୍ ଲଫାପାରେ କ୍ୟାସ୍ ରଖିଦିଅନ୍ତୁ ।

୫. କୌଣସି ଗଛ ତଳେ କିମ୍ବା ଛାଇରେ ଥିବା ଏଟିଏମ୍ ମେସିନ ବ୍ୟବହାର କରନ୍ତୁ ନାହିଁ । ଯେଉଁ ଏଟିଏମ୍ ମେସିନରେ ଉ□ମ ସୂର୍ଯ୍ୟାଲୋକରେ ରହିଛି ଏବଂ ସର୍ବସାଧାରଣ ଏହାକୁ ଦେଖି ପାରୁଛନ୍ତି ସେହି ମେସିନ ବ୍ୟବହାର କରନ୍ତୁ ।

ନାରୀ ହିଁ ଆମ ସଂସ୍କୃତିର ମେରୁଦଣ୍ଡ

ପ୍ରାଚୀନ ଏବଂ ଅର୍ବାଚୀନ- ସବୁ ବିଚାରକ ଏ ବିଷୟରେ ଏକମତ ଅଟନ୍ତି ଯେ, ସ୍ତ୍ରୀସମାଜ ସଭ୍ୟତା ଏବଂ ସଂସ୍କୃତିର ମେରୁଦଣ୍ଡ । ଆମ ଦେଶର କଳ୍ପନାରେ ଏହାର ଆଉ କେତେକ ବିଶେଷତା ପ୍ରାପ୍ତ ହୋଇଅଛି । ଭୋଗ ମଧ୍ୟରେ ତ୍ୟାଗ, ତପସ୍ୟା, ସମର୍ପଣ ଏବଂ ଅର୍ଚ୍ଚନାର ପ୍ରତିଷ୍ଠା ଏହାକୁ ଏକ ଅଦ୍‌ଭୁତ ଶକ୍ତି ଏବଂ ଭବ୍ୟତା ପ୍ରଦାନ କରିଅଛି । ସ୍ତ୍ରୀକୁ ଜଗଦମ୍ବାଙ୍କର ହିଁ ସ୍ୱରୂପ ବୋଲି ସ୍ୱୀକାର କରାଯାଇଅଛି । ଦୁର୍ଗା ସପ୍ତଶତୀରେ କୁହାଯାଇଅଛି–''ହେ ଜଗଦମ୍ବିକେ ! ଜଗତରେ ଯେତେ ସ୍ତ୍ରୀ ଅଛନ୍ତି–ସେମାନେ ତୁମର ହିଁ ଭେଦ ଅଟନ୍ତି, ତୁମର ହିଁ ଅଂଶ ଅଟନ୍ତି ।'' ଲକ୍ଷ୍ମୀଙ୍କ ଏକ ସ୍ତୋତ୍ରରେ କବି କହିଛନ୍ତି–''ମା ଲକ୍ଷ୍ମୀ ! ତୁମେ ଘରେ ଘରେ ଗୃହଲକ୍ଷ୍ମୀ ରୂପରେ ପ୍ରତିଷ୍ଠିତ ହୋଇଅଛ ।''

ଆମ ବିଚାରଧାରାରେ, ଆମ ଧର୍ମରେ, ଆମ ଶ୍ରେଷ୍ଠ ସାହିତ୍ୟରେ ସଦୈବ ନାରୀ ପୂଜ୍ୟା, ଆଦରଣୀୟା ଏବଂ ପ୍ରେମାସ୍ପଦା ହୋଇ ରହିଛି । ଶ୍ରୁତି-ସ୍ମୃତି-ପୁରାଣ ତଥା ଗୃହ୍ୟସୂତ୍ରମାନଙ୍କରେ ସର୍ବତ୍ର ଆମକୁ ସ୍ତ୍ରୀ ପ୍ରତି ବିଶେଷ ସ୍ନେହ ତଥା ଆଦରପୂର୍ଣ୍ଣ ବ୍ୟବହାର କରିବା ପାଇଁ ଆଦେଶ ଦିଆଯାଇଛି ।

ଶତପଥବ୍ରାହ୍ମଣ ରେ ସ୍ତ୍ରୀ ମନୁଷ୍ୟର ଆତ୍ମାର ଅର୍ଦ୍ଧାଂଶ ବୋଲି କୁହାଯାଇଅଛି–''ଅର୍ଦ୍ଧୋହବା ଏଷ ଆତ୍ମନଃ ଯଜ୍ଜାୟା ତସ୍ମାତ୍ ଯାବଦ୍ ଜାୟାଂ ନ ବିନ୍ଦତେ ନୈବ ତାବତ୍ ପ୍ରଜାୟତେ ଅସର୍ବୋ ହି ତାବଦ୍ ଭବତି । ଅଥ ଯଦୈବ କାୟାଂ ବିନ୍ଦତେଽଥ ପ୍ରଜାୟତେ ତର୍ହି ହି ସର୍ବୋ ଭବତି ।''

ମହାଭାରତ ଅନୁଶାସନ ପର୍ବ ରେ କୁହାଯାଇଛି–

ଯେଉଁଠାରେ ସ୍ତ୍ରୀମାନଙ୍କର ଆଦରସତ୍କାର ହୁଏ, ସେଠାରେ ଦେବତାମାନେ ପ୍ରସନ୍ନତାପୂର୍ବକ ନିବାସ କରନ୍ତି । ଯେଉଁଠାରେ ହିଁ ସ୍ତ୍ରୀମାନଙ୍କର ଅନାଦର ହୁଏ, ସେଠାର ସବୁ କ୍ରିୟା ନିଷ୍ଫଳ ହୋଇଯାଏ । ଯେତେବେଳେ ଏକ କୁଳର ବଧୂ ଓ କନ୍ୟାମାନେ ଦୁଃଖରେ ପଡ଼ି ଶୋକମଗ୍ନ ରହନ୍ତି, ସେତେବେଳେ ସେ କୁଳର ନାଶ ହୋଇଯାଏ । ସେମାନେ ଖିନ୍ନ ହୋଇ ଯେଉଁ ଘରକୁ ଶାପ ଦିଅନ୍ତି, ତାହା ରାକ୍ଷସୀ ଦ୍ୱାରା ନଷ୍ଟ ହେବା ପରି ଉଜୁଡ଼ିଯାଏ । ସେ ଶ୍ରୀହୀନ ଗୃହ ତ ଶୋଭା ପାଏ ନାହିଁ ତାହାର ବୃଦ୍ଧି ମଧ୍ୟ ହୁଏ ନାହିଁ । ମହାଭାରତ ଆହୁରି ଜୋର ଦେଇଛି –

'ସ୍ତ୍ରୀ ପ୍ରତ୍ୟୟୋ ହି ବୈ ଧର୍ମଃ' ଅର୍ଥାତ୍ ସ୍ତ୍ରୀ ଧର୍ମସିଦ୍ଧିର ମୂଳ କାରଣ ଅଟେ । ମହାଭାରତର ସ୍ପଷ୍ଟ ଆଦେଶ ହେଲା–

ଶ୍ରିୟ ଏତାଃ ସ୍ତ୍ରୀୟୋ ନାମ ସତ୍‌କାର୍ଯ୍ୟା ଭୂତିମିଚ୍ଛତା
ପାଳିତା ନିଗୃହୀତା ଚ ଶ୍ରୀଃ ସ୍ତ୍ରୀ ଭବତି ଭାରତ ।

ଅର୍ଥାତ୍, ହେ ଭରତନନ୍ଦନ ! ସ୍ତ୍ରୀମାନେ ହିଁ ଘରର ଲକ୍ଷ୍ମୀ ଅଟନ୍ତି । ଉନ୍ନତି ଚାହୁଁଥିବା ପୁରୁଷ ଭଲ ଭାବରେ ସ୍ତ୍ରୀର ସତ୍କାର କରିବା ଉଚିତ । ନିଜ ବଶରେ ରଖି ପାଳନ କରିବା ଦ୍ୱାରା ସ୍ତ୍ରୀ ଲକ୍ଷ୍ମୀ ସ୍ୱରୂପ ହୋଇଯାଏ ।

କିନ୍ତୁ ଭାରତୀୟ ଗୃହଧର୍ମର ଏହି ପରିବେଶ ଛଡ଼ା ଏହି ମହତୀ କଳ୍ପନା ପଛରେ ଆହୁରି ଏକ ବିଶିଷ୍ଟତା ଅଛି । କନ୍ୟାଠାରୁ ଆରମ୍ଭ କରି ମାତା ପର୍ଯ୍ୟନ୍ତ ସମସ୍ତେ ଜୀବନର ଶ୍ରେୟଃ ପଥରେ ଅଗ୍ରସର ହେଉଥିବା ସାଧାନ ଭୂମି ଅଟନ୍ତି; ଦେହରେ ଯେଉଁ ପ୍ରାଣ ଅଛି ଏବଂ ସେ ପ୍ରାଣତ□ ଯେଉଁ ଆଧ୍ୟାତ୍ମିକ ସତ୍ୟକୁ ନେଇ ସ୍ଥିତ ହୋଇଅଛି, ତାକୁ ଧୀରେ ଧୀରେ ପାଇବା ପାଇଁ ସାଧନା କରାଯାଏ । ପୁରୁଷ ଏ ସାଧନାରେ ସ୍ତ୍ରୀର କେବଳ ସାଥୀ ନୁହେଁ, ସେ ଏବଂ ନାରୀ ଦୁହେଁ ମିଳିତ ହୋଇ ଏକ ନବୀନ ପୂର୍ଣ୍ଣତାର ସୃଷ୍ଟି କରନ୍ତି । ଦୁହେଁ ମିଳିତ ହୋଇ ଏକ ହୁଅନ୍ତି । ଏକାତ୍ମା ହୁଅନ୍ତି । ଦୁହେଁ ଅବିଭକ୍ତ ଏବଂ ଅବିଭାଜ୍ୟ ଅଟନ୍ତି । ଏ ସାଧନା ଜନ୍ମଜନ୍ମାନ୍ତରର ସାଧନା ଅଟେ । ଏହା ଜୀବନର ସୀମାର ସେ ପାରକୁ ବହୁତ ଦୂର ପର୍ଯ୍ୟନ୍ତ ଦେଖିଛି ଏବଂ ଦୃଶ୍ୟ ପଛରେ ଯେଉଁ ଅଦୃଶ୍ୟ ଅଛି, ମୂ□ ପଛରେ ଯେଉଁ ଅମୂ□ ଅଛି, ତାକୁ ଦେଖିବା ପାଇଁ ଏବଂ ପାଇବା ପାଇଁ ଚେଷ୍ଟା କରୁଛି ।

ଏଥିପାଇଁ ସ୍ୱୀକାର କରିବାକୁ ହେବ ଯେ, ନାରୀ ହିଁ ଆମ ସଂସ୍କୃତିର କୂ□ ଅଟେ । ଯେପର୍ଯ୍ୟନ୍ତ ସେ ଅଭିଶପ୍ତ ରହିବ, ଯେପର୍ଯ୍ୟନ୍ତ ସେ ନିଜ ଧର୍ମ ଏବଂ କ□ବ୍ୟକୁ ଠିକ୍ ଠିକ୍ ଗ୍ରହଣ ନ କରିବ, ସେ ପର୍ଯ୍ୟନ୍ତ କୌଣସି ବାସ୍ତବିକ ପ୍ରଗତି ସମ୍ଭବ ହେବ ନାହିଁ । ନାରୀ ହିଁ ଆମର ଆଶା, ନାରୀ ହିଁ ଆମର ସମ୍ବଳ, ନାରୀ ହିଁ ଆମର ଜ୍ୟୋତି । ଘରେ ଘରେ ସେହି ଦେବୀଙ୍କର, ମାତାଙ୍କର, ସମର୍ପଣର ମୂ□ଙ୍କର, ତ୍ୟାଗର ଦେବୀଙ୍କର, ପ୍ରେମାସ୍ପଦା କରୁଣାମୟୀ ଜନନୀଙ୍କର ପ୍ରତିଷ୍ଠା କରିବାକୁ ହେବ ।

କନ୍ୟା-କନ୍ୟା ନାରୀ ଜୀବନର ଆଦି ଅଟେ । ସେ

କଳୀ ଅଟେ, ଯହିଁରେ ସମସ୍ତ ଭବିଷ୍ୟ ମୁକୁଳିତ ହୁଏ । ଏହି କଳୀ କାଲିର ଫୁଲ ହେବ । କଳୀ ଫୁଲର ଆଦିରୂପ ଅଟେ । ଜୀବନରେ ଏହାର ସୁଗନ୍ଧ ବ୍ୟାପିବ । ତେଣୁ ଏହାର ନିର୍ମାଣ ବା ବିକାଶ ଉପରେ ସବୁ କିଛି ନିର୍ଭର କରେ । ଗୃହର ଭବିଷ୍ୟ, ପରିବାରର ସୁଖ, ସମାଜର ଶାନ୍ତି କନ୍ୟାର ହାତରେ ହିଁ ରହିଛି ।

ବ୍ୟାବହାରିକ ଜୀବନରେ ପୁରୁଷ ମୁଖ୍ୟତଃ ଜୀବିକା ତଥା ତତ୍‌ସମ୍ବନ୍ଧୀ କାର୍ଯ୍ୟମାନଙ୍କର ଏବଂ କୁଟୁମ୍ବ, ପରିବାର, ସମାଜ ଗଠନର ଭାର ଉଠାଇବା ପାଇଁ ଉପଯୁକ୍ତ ହେବ । ସ୍ତ୍ରୀ ଏ ଜୀବନବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରେ । ପୁରୁଷ ଜୀବନର ସୈନିକ ଅଟେ; ନାରୀ ଜୀବନର ଶ୍ରୀ ଅଟେ, ସୁଷମା ଏବଂ ସୌନ୍ଦର୍ଯ୍ୟ ଅଟେ । ପୁରୁଷ ସଭ୍ୟତା ଅଟେ; ନାରୀ ସଂସ୍କୃତି ଅଟେ । ପୁରୁଷ ମସ୍ତିଷ୍କ ଅଟେ ତ ସ୍ତ୍ରୀ ହୃଦୟ ଅଟେ । ପୁରୁଷ ଜ୍ଞାନ ଅଟେ ତ ସ୍ତ୍ରୀ ଭକ୍ତିର ନିଷ୍ଠା ଅଟେ । ଏହାମଧ୍ୟ ଏକ ସାମାଜିକ ସତ୍ୟ ଯେ, କତିପୟ ଅପବାଦକୁ ଛାଡ଼ି ମୁଖ୍ୟତଃ ନାରୀ ଏକ ସଂଯୁକ୍ତ ବିବାହିତ ଜୀବନ ବ୍ୟତୀତ କରେ ବା କରିବାକୁ ଚାହେଁ । ସୁଖୀ, ବିବାହିତ ଏବଂ ଗୃହଜୀବନର ପ୍ରେରଣା ପୁରୁଷଠାରୁ ନାରୀଠାରେ ବହୁ ଅଧିକ ହୋଇଥାଏ । ପୁରୁଷ ବାନ୍ଧିହେବାକୁ ଚାହେଁ ନାହିଁ; ସ୍ତ୍ରୀ ବାନ୍ଧିନିଏ ଏବଂ ବନ୍ଧାଯାଏ । ତେଣୁ ସ୍ୱଭାବତଃ ସ୍ତ୍ରୀ ପାଇଁ ଏପରି ଶିକ୍ଷାର ଆବଶ୍ୟକତା ଅଛି, ଯାହା ତାର ନିବେଦନ ଏବଂ ସମର୍ପଣ ବୃ□କୁ ବିକଶିତ କରିବ, ସୁସଂସ୍କୃତ କରିବ, ପରିବାରକୁ ଖଣ୍ଡିତ କରିବାକୁ ସମର୍ଥ କରିବ ନାହିଁ, ବରଂ ପରିବାରକୁ ଯୋଡ଼ି ରଖିବାକୁ କ୍ଷମ କରିବ ।

ନାରୀଧର୍ମ–ଏହି କନ୍ୟା କାଲି ବଡ଼ ହୋଇ ବିବାହିତ ହେବ, ଦାମ୍ପତ୍ୟ ବନ୍ଧନରେ ଆବଦ୍ଧ ହେବ, ଗୃହଲକ୍ଷ୍ମୀ ହେବ । ପତିଗୃହ ଏବଂ ପିତୃଗୃହର ସଂସ୍କାର ଏବଂ ସୁଖ ତା' ଉପରେ ନିର୍ଭର କରେ । ଋଗ୍‌ବେଦରେ ଶାଶୁଘରର ସାମ୍ରାଜ୍ଞୀରୂପରେ ନାରୀର କଳ୍ପନା କରାଯାଇଅଛି– ''ସାମ୍ରାଜ୍ଞୀ ଶ୍ୱଶୁରେ ଭବ ।'' ଅର୍ଥବବେଦ ନାରୀର ମହିମା ଗାନ କରି କହେ–

ଯଥା ସିନ୍ଧୁର୍ନଦୀନାଂ ସାମ୍ରାଜ୍ୟଂ ସୁଷୁବେ ବୃଷା ।
ଏଷା ତ୍ୱଂ ସାମ୍ରାଜ୍ଞ୍ୟେଧି ପତ୍ୟୁରସ୍ତଂ ପରେତ୍ୟଯ ।

ଅର୍ଥାତ୍, ଯେପରି ନଦୀମାନଙ୍କ ମଧ୍ୟରେ ସିନ୍ଧୁର ସାମ୍ରାଜ୍ୟ ଜାରିରହେ, ସେହିପରି ଶ୍ୱଶୁରାଳୟରେ ନାରୀର କଥନର ସମ୍ମାନ ଥାଏ ଏବଂ ନାରୀର ଆଜ୍ଞା ସମସ୍ତେ ପାଳନ କରନ୍ତି ।

ଆଜି ସ୍ତ୍ରୀପୁରୁଷର ମାନସ ବିଭକ୍ତ ହୋଇଯାଇଅଛି; ଫଳରେ ଶାନ୍ତିର ସ୍ୱର୍ଗସ୍ୱରୂପ ଗୃହ ଅଭିଶପ୍ତ ହେଉଅଛି; ତହିଁରେ ଅମୃତହାସ୍ୟ ଜାଗାରେ କ୍ରନ୍ଦନ ଏବଂ ହାହାକାର ପୂରିଯାଉଛି । ପରନ୍ତୁ ଦିନେ ଆପସ୍ତମ୍ବ-ଧର୍ମସୂତ୍ର ଘୋଷଣା କରିଥିଲା-''ଜାୟାପତ୍ୟୋ ର୍ନ ବିଭାଗୋ ବିଦ୍ୟତେ ।'' ଅର୍ଥାତ୍ ସ୍ତ୍ରୀ-ପୁରୁଷଙ୍କର ବିଭାଗ ହୋଇପାରିବ ନାହିଁ ।

ସ୍ତ୍ରୀ-ପୁରୁଷର ସାହଧର୍ମ୍ୟ, ସାହଚର୍ଯ୍ୟ ଏକାତ୍ମ୍ୟ ସାଧନା ଭାରତୀୟ ଦାମ୍ପତ୍ୟ ସମ୍ପର୍କର ଆଦର୍ଶ ଅଟେ । ସ୍ୱର୍ଗ ଏବଂ ନରକ ନାରୀର ନିଜ ସୃଷ୍ଟି ଅଟେ । ପଦ୍ମ ପୁରାଣ ରେ କୁହାଯାଇଛି–

ଯଦି ସ୍ତ୍ରୀ ଅନୁକୂଳ ଥାଏ, ତେବେ ସ୍ୱର୍ଗପ୍ରାପ୍ତିରେ କି ଲାଭ ଅଛି ଏବଂ ଯଦି ସ୍ତ୍ରୀ ପ୍ରତିକୂଳ ଅର୍ଥାତ୍ ସ୍ୱେଚ୍ଛାଚାରିଣୀ ହୁଏ, ତେବେ ନରକ ଖୋଜିବାର ଆବଶ୍ୟକତା କ'ଣ ଅଛି ?

ନାରୀ-ଧର୍ମ ନିରୂପଣ ବିଷୟରେ ଆମ ଧର୍ମଗ୍ରନ୍ଥମାନ ପରିପୂର୍ଣ୍ଣ । ପରନ୍ତୁ ମହାଭାରତରେ ରୁକ୍ମିଣୀ ଲକ୍ଷ୍ମୀ ସମ୍ବାଦରେ ଏବଂ ମହେଶ୍ୱର-ପାର୍ବତୀ ସମ୍ବାଦରେ ଏହାର ସୁନ୍ଦର ବିବେଚନ କରାଯାଇଅଛି । ରୁକ୍ମିଣୀଙ୍କ ପ୍ରଶ୍ନ ଉପରେ ଲକ୍ଷ୍ମୀ ଉ□ର ଦେଇଥିଲେ–

ଯେଉଁ ନାରୀ ଘରର ବାସନମାନଙ୍କୁ ସୁବ୍ୟବସ୍ଥିତ ନ ରଖି ଇଆଡ଼େ ସିଆଡ଼େ ବି□ାଡ଼ି କରି ରଖେ, ବୁଝି ବିଚାରି କାମ ନ କରେ, ସଦା ପତିର ପ୍ରତିକୂଳ କଥା କହେ, ଅନ୍ୟମାନଙ୍କ ଘରକୁ ଯିବାଆସିବାରେ ଆସକ୍ତ ରହେ ଏବଂ ଲଜ୍ଜା ତ୍ୟାଗକରେ, ସେ ନାରୀକୁ ମୁଁ (ଲକ୍ଷ୍ମୀ) ତ୍ୟାଗକରେ । ଯେଉଁ ନାରୀ ନିଷ୍ଠୁରତାପୂର୍ବକ ପାପାଚାରରେ ତତ୍ପର ରହେ, ଅପବିତ୍ର, ଧୈର୍ଯ୍ୟହୀନ, କଳହପ୍ରିୟ ଏବଂ ନିଦରେ ଅଭିଭୂତ ହୋଇ ସଦା ଖଟ ଉପରେ ପଡ଼ି ରହିଥାଏ, ଏପରି ନାରୀଠାରୁ ମୁଁ (ଲକ୍ଷ୍ମୀ) ସର୍ବଦା ଦୂରରେ ଥାଏ । ଯେଉଁ ନାରୀ ସତ୍ୟବାହିନୀ ଏବଂ ନିଜର ସୌମ୍ୟ ବେଶଭୂଷା ଯୋଗୁଁ ପ୍ରିୟଦର୍ଶନା ହୋଇଥାଏ, ଯେ ସୌଭାଗ୍ୟଶାଳିନୀ, ଗୁଣବତୀ, ପତିବ୍ରତା ଏବଂ କଲ୍ୟାଣମୟ ଆଚାରବିଚାରବତୀ ହୁଏ ତଥା ଯେ ସଦା ବସ୍ତ୍ରାଭୂଷଣଦ୍ୱାରା ବିଭୂଷିତ ରହେଏ ଏପରି ନାରୀଠାରେ ମୁଁ (ଲକ୍ଷ୍ମୀ) ସଦା ନିବାସ କରେ ।

ଏହିପରି ମହାଭାରତ, ଦାନଧର୍ମପର୍ବ, ଅଧ୍ୟାୟ ୧୪୬ର ୩୫-୪୦ ଶ୍ଳୋକମାନଙ୍କରେ ନାରୀଧର୍ମର ବିଶଦ ବିବେଚନା କରାଯାଇ ପାର୍ବତୀଙ୍କ ମୁଖରେ କୁହାଯାଇଛି–

ଯାହାର ସ୍ୱଭାବ, କଥାବା□ା ଏବଂ ଆଚରଣ ଉ□ମ ଅଟେ, ଯାହାକୁ ଦେଖିଲେ ପତିକୁ ସୁଖ ମିଳେ, ଯେ ନିଜ ପତି ଛଡ଼ା ଅନ୍ୟ କୌଣସି ପୁରୁଷଠାରେ ମନ ଲଗାଏ ନାହିଁ ଏବଂ ସ୍ୱାମୀ ଆଗରେ ସଦା ପ୍ରସନ୍ନମୁଖୀ ରହେ, ସେ ସ୍ତ୍ରୀଧର୍ମାଚରଣ କରେ ବୋଲି ସ୍ୱୀକୃତ ହୋଇଅଛି । ଯେଉଁ ସାଧ୍ୱୀ ସ୍ତ୍ରୀ ନିଜର ସ୍ୱାମୀକୁ ସର୍ବଦା ଦେବତୁଲ୍ୟ ଜ୍ଞାନକରେ, ସେ ଧର୍ମପରାୟଣା ଏବଂ ଧର୍ମଫଳର ଭାଗିନୀ ଅଟେ । ଯେ ପତିକୁ ଦେବତା ସମାନ ସେବା ଏବଂ ଶୁଶ୍ରୂଷା କରେ, ପତି ଛଡ଼ା ଅନ୍ୟ କାହା ପ୍ରତି ହାର୍ଦ୍ଦିକ ପ୍ରେମ କରେ ନାହିଁ, କଦାପି ନାରାଜ ହୁଏ ନାହିଁ ଏବଂ ଯେ ଉ□ମ ବ୍ରତର ପାଳନ କରେ; ଯାହାର ଦର୍ଶନ ପତିକୁ ସୁଖଦ ଜଣାପଡ଼େ, ଯେ ପୁତ୍ରର ମୁଖ ପରି ସ୍ୱାମୀର ମୁଖ ଆଡ଼କୁ ସଦା ଚାହିଁ ରହିଥାଏ ତଥା ଯେ ସାଧ୍ୱୀ ଏବଂ ନିୟମିତ ଆହାର ସେବନ ପରେ, ସେ ଧର୍ମଚାରିଣୀ କୁହାଯାଇଅଛି । ପତି ଏବଂ ପତ୍ନୀଙ୍କର ଏକାସାଙ୍ଗରେ ରହି ଧର୍ମାଚରଣ କରିବା ଉଚିତ । ଏ ମଙ୍ଗଳମୟ ଦାମ୍ପତ୍ୟଧର୍ମକୁ ଶୁଣି ଯେଉଁ ସ୍ତ୍ରୀ ଧର୍ମପରାୟଣ ହୋଇଯାଏ, ସେ ପତିବ୍ରତା ହୁଏ । ସାଧ୍ୱୀ ସ୍ତ୍ରୀ ସଦା ନିଜ ପତିକୁ ଦେବତା ସମାନ ଜ୍ଞାନକରେ । ପତି ଏବଂ ପତ୍ନୀଙ୍କର ଏ ସହଧର୍ମ ପରମ ମଙ୍ଗଳମୟ ଅଟେ ।

ପାର୍ବତୀ ଆଗକୁ ଆହୁରି କହିଛନ୍ତି–ଯେ ନିଜ ହୃଦୟର ଅନୁରାଗ ହେତୁ ସ୍ୱାମୀର ଅଧୀନ ରହେ, ନିଜ ଚି□କୁ ପ୍ରସନ୍ନ ରଖେ, ଦେବତା ସମାନ ପତିର ସେବା ଏବଂ ପରବ□ୀ କରେ, ଉ□ମ ବ୍ରତର ଆଶ୍ରୟ ନିଏ ଏବଂ ପତି ପାଇଁ ସୁଖଦାୟକ ସୁନ୍ଦର ବେଶ ଧାରଣ କରେ, ଯାହାର ଚି□ ପତି ଛଡ଼ା ଅନ୍ୟ କାହା ଆଡ଼କୁ ଯାଏ ନାହିଁ, ଯେ ପତି ଆଗରେ ପ୍ରସନ୍ନବଦନା ରହେ, ସେ ସ୍ତ୍ରୀ ଧର୍ମଚାରିଣୀ ବୋଲି ସ୍ୱୀକୃତି ହୋଇଅଛି । ସ୍ୱାମୀ କଠୋରବଚନ କହିଲେ ମଧ୍ୟ ଏବଂ ଦୋଷପୂର୍ଣ୍ଣ ଦୃଷ୍ଟିରେ ସ୍ତ୍ରୀକୁ ଦେଖିଲେ ମଧ୍ୟ ଯେଉଁ ସ୍ତ୍ରୀ ପ୍ରସନ୍ନତା ସହିତ ମୃଦୁହାସ୍ୟ କରେ, ସେ ସ୍ତ୍ରୀ ପତିବ୍ରତା ଅଟେ । ଯେଉଁ ନାରୀ ନିଜର ଦରିଦ୍ର, ରୋଗୀ, ଦୀନ ଅଥବା ରାସ୍ତା ଚାଲିବାଦ୍ୱାରା କ୍ଳାନ୍ତ ପତିକୁ ପୁତ୍ର ସମାନ ସେବା କରେ, ସେ ଧର୍ମଫଳର ଭାଗିନୀ ହୁଏ । ଯେଉଁ ନାରୀ ନିଜ ହୃଦୟକୁ ଶୁଦ୍ଧ ରଖେ, ଗୃହକାର୍ଯ୍ୟ କରିବାରେ କୁଶଳ ଏବଂ ପୁତ୍ରବତୀ ହୁଏ, ପତିକୁ ପ୍ରେମ କରେ ଏବଂ ପତିକୁ ହିଁ ନିଜର ପ୍ରାଣ ବୋଲି ଜ୍ଞାନ କରେ, ସେ ଧର୍ମଫଳ ପାଇବାର ଅଧିକାରିଣୀ ହୁଏ । ଯେ ସଦା ପ୍ରସନ୍ନ ଚି□ରେ ପତିର ସେବାଶୁଶ୍ରୂଷାରେ ଲାଗିରହେ, ପତି ଉପରେ ପୂର୍ଣ୍ଣ ବିଶ୍ୱାସ ରଖେ ଏବଂ ତାହା ସହିତ ବିନୟପୂର୍ଣ୍ଣ ବ୍ୟବହାର କରେ, ସେ ନାରୀଧର୍ମର ଶ୍ରେଷ୍ଠଫଳ ଭାଗିନୀ ହୁଏ । ଯାହାର ହୃଦୟରେ ପତି ପାଇଁ ଯେପରି ଅଭିଳାଷ ହୁଏ, ସେପରି ଅଭିଳାଷ କାମଭୋଗ, ଐଶ୍ୱର୍ଯ୍ୟ ଏବଂ ସୁଖ ପାଇଁ ମଧ୍ୟ ହୁଏ ନାହିଁ, ସେ ସ୍ତ୍ରୀ ନାରୀଧର୍ମର ଭାଗିନୀ ହୁଏ । ଯେ ଉ□ମ ଗୁଣମାନଙ୍କଦ୍ୱାରା ଯୁକ୍ତ ହୋଇ ସଦା ଶାଶୁ-ଶ୍ୱଶୁରଙ୍କ ଚରଣ ସେବାରେ ସଂଲଗ୍ନ ରହେ ଏବଂ ମାତାପିତାଙ୍କ ପ୍ରତି ନିଷ୍ଠା ରଖେ, ସେ ତପସ୍ୱିନୀ ବୋଲି ସ୍ୱୀକୃତ ହୁଏ । ଯେଉଁ ନାରୀ ବ୍ରାହ୍ମଣ, ଦୁର୍ବଳ, ଅନାଥ, ଦୀନ, ଅନ୍ଧ ଏବଂ କୃପଣମାନଙ୍କୁ ଅନ୍ନଦ୍ୱାରା ଭରଣପୋଷଣ କରେ, ସେ ପତିବ୍ରତ ଧର୍ମପାଳନର ଫଳ ପାଏ ।

ଏ ଉମା-ମହେଶ୍ୱର ସମ୍ବାଦରେ ପରମାଦ୍ୟା ଜଗନ୍ମାତା ପାର୍ବତୀ ସ୍ତ୍ରୀଧର୍ମ ବିଷୟରେ ଯେଉଁ ବିବେଚନା କରିଛନ୍ତି, ତାକୁ ଜାଣିଲା ପରେ ଆଉ କ'ଣ ବାକି ରହିଯାଏ ? ଆଜି ଏହି ଶିକ୍ଷା ପ୍ରତି ଅବହେଳା ପ୍ରଦର୍ଶନ ଫଳରେ ଲକ୍ଷ ଲକ୍ଷ ଗୃହ ନିରାନନ୍ଦ, ଅଭିଶପ୍ତ ଏବଂ ବିଖଣ୍ଡିତ ହେଉଅଛି । ଉ□ମ ନାରୀ ଘରର ପ୍ରାଣ ଅଟେ । ମହାଭାରତରେ କୁହାଯାଇଅଛି–

''ପୁତ୍ରପୌତ୍ରବଧୂ ଭୃତ୍ୟୈଃ ସଂକୀର୍ଣ୍ଣମପି ସର୍ବତଃ ।
ଭାର୍ଯ୍ୟାହୀନଗୃହସ୍ଥସ୍ୟ ଶୂନ୍ୟମେବ ଗୃହଂ ଭବେତ ।''

ଅର୍ଥାତ୍, ଘରେ ପୁତ୍ର, ପୁତ୍ରବଧୂ, ପୌତ୍ର ତଥା ଭୃତ୍ୟ ଥାଇ ମଧ୍ୟ ଯଦି ସ୍ତ୍ରୀ ନ ଥାଏ, ତେବେ ଘର ଶୂନ୍ୟ ଅନୁଭୂତ ହୁଏ । ମହାଭାରତ ରେ କୁହାଯାଇଅଛି–

'ନ ଚ ଭାର୍ଯ୍ୟାସମଂ କିଂଚିତ ବିଦ୍ୟତେ ଭିଷଜୋ ମତମ୍ ।
ଔଷଧଂ ସର୍ବଦୁଃଖେଷୁ ସତ୍ୟମେତଦ୍ ବ୍ରବୀମି ତେ ।''

ଦୁଃଖରେ ପଡ଼ିଥିବା ପତି ପାଇଁ ସ୍ତ୍ରୀ ସବୁଠାରୁ ବଡ଼ ଔଷଧ ଅଟେ । ଏସବୁ ସୂତ୍ରମାନଙ୍କରେ ନାରୀକୁ ପତିର ପ୍ରେମ ଏବଂ ସେବାରେ ତନ୍ମୟ ହେବା ପାଇଁ ଯେଉଁ ଆଦେଶ ଅଛି, ଏହାର ଅର୍ଥ ନୁହେଁ ଯେ ସବୁ ଅବସ୍ଥାରେ ପତି ପତ୍ନୀଠାରୁ ଅଧିକ ଗୁଣୀ ହୋଇଥାଏ, ଏହାର ଅର୍ଥ ସ୍ତ୍ରୀର ହୀନତା ନୁହେଁ । ଏଥିରେ ପତି ଏକ ଉଚ୍ଚ ଧର୍ମସାଧନାର ମାଧ୍ୟମ ଏବଂ ପ୍ରତୀକ ଅଟେ । ନାରୀ ନିଜର ତପସ୍ୟା, ନିଷ୍ଠା ଏବଂ ସେବାଦ୍ୱାରା ନିଜଠାରେ ଏକ ମହନୀୟ ସୁଷମାର ସୃଷ୍ଟି କରେ ।

ମାତୃତ୍ୱ-ମାତୃତ୍ୱ ନାରୀଧର୍ମର ପରିଣତି ଅଟେ । ଭାରତୀୟ ସମାଜଗଠନରେ ପ୍ରତ୍ୟେକ କାର୍ଯ୍ୟ ଭୋଗରୁ ତ୍ୟାଗ ଆଡ଼କୁ ପ୍ରୟାଣ କରେ । ନାରୀରେ ମାତୃତ୍ୱ ଏହି ଉପକ୍ରମର ପୂ□ ଅଟେ । ନାରୀଠାରେ କାମନାର ନ□ନ ଅଛି; ମାତୃତ୍ୱ ଏହି କାମନାକୁ ସମର୍ପଣରେ ନିଃଶେଷ କରିଦେବାର ଆଦର୍ଶ ଅଟେ । ନାରୀଠାରେ ଅଛି ଗ୍ରହଣ, ମାତାଠାରେ ଅଛି ତ୍ୟାଗ-ନିଜ ପାଇଁ ନୁହେଁ, ସମ୍ପୂର୍ଣ୍ଣତଃ ଅନ୍ୟ ପାଇଁ ଜୀଇବାରେ ସାଧନା ଅଟେ ଏବଂ ଏହି ଅନ୍ୟ ପାଇଁ ଜୀଇବା ହିଁ ନିଜ ପାଇଁ ଜୀଇବା ମଧ୍ୟ ଅଟେ ।

ମାତୃତ୍ୱ କେବଳ ଏକ ଅବସ୍ଥା ନୁହେଁ, ଏହା ଏକ ଭାବ ମଧ୍ୟ ଅଟେ । ନାରୀ ଯେତେ ଯେତେ ନିଜ ଅ□ଳର ଛାୟାତଳେ ଅଧିକାଧିକ ପ୍ରାଣୀମାନଙ୍କୁ ଜୀବନ ତଥା ଶକ୍ତି ଦିଏ, ସେତେ ସେତେ ତା'ଠାରେ ପ୍ରଚ୍ଛନ୍ନ ମାତୃତ୍ୱର ବିକାଶ ହୁଏ । ସେ ସତତ ଦାନମୟୀ ଅଟେ । ରିକ୍ତା ହୋଇ ମଧ୍ୟ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ, ଯାହାର କରୁଣାର କୋଷ କଦାପି ରିକ୍ତ ହୁଏ ନାହିଁ ।

ମାତା ଉପରେ ନବୀନ ଜୀବନର ରଚନା ଏବଂ ସମ୍ବର୍ଦ୍ଧନାରେ ଭାର ଅଛି । ଏକ ଅସମର୍ଥ ଜୀବନକୁ ନିଜ ସ୍ତନର ଦୁଗ୍ଧ, ନିଜ ନିଷ୍ଠା ଓ ସେବାଦ୍ୱାରା ଜଗଦ୍‌ଦ୍ୱନ୍ଦ୍ୱର ମଝିରେ ଶକ୍ତିର ସ୍ଫୁଲିଙ୍ଗ ଉପସ୍ଥିତ କରି ଦେବାଠାରୁ ବଡ଼ ଆଉ କେଉଁ ଧର୍ମ ଅଛି ?

ଏଥିପାଇଁ ପ୍ରତ୍ୟେକ ଗୃହ, ପ୍ରତ୍ୟେକ ସମାଜ ଏବଂ ପ୍ରତ୍ୟେକ ଜାତିର ଭବିଷ୍ୟତ ସୁମାତାମାନଙ୍କ ଉପରେ ନିର୍ଭର କରେ । ଯଦି ମା ନାହିଁ, ସନ୍ତତି ହେବ କିପରି ? ପ୍ରେମଦ୍ୱାରା ଉଚ୍ଛୁଳୁଚ୍ଛୁ ହେବା, ଅନ୍ତର୍ନିଷ୍ଠାଦ୍ୱାରା ଚକମକ କରିବା ଏବଂ ସର୍ବସ୍ୱ ଦେଇ ପ୍ରାଣୀର ନିର୍ମାଣ କରିବାର ଆକାଂକ୍ଷାଦ୍ୱାରା ଉଦ୍‌ଭାସିତ ମାତାମାନେ ଆଜି ଆମର ସବୁଠାରୁ ବଡ଼ ଏକ ଆବଶ୍ୟକତା । ସେମାନେ ଆମ୍ଭର ନିଧି, ଆମର ପ୍ରେରଣା ମଧ୍ୟ ଅଟନ୍ତି ।

ଦେବପ୍ରସାଦ ମିଶ୍ର
ବରିଷ୍ଠ ସାମ୍ବାଦିକ, ତୁଳସୀପୁର, କଟକ-୮

ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ

ଭାରତୀୟ ଦର୍ଶନ ଓ ପ୍ରତ୍ୟକ୍ଷ ମାଆ କାଳୀଙ୍କ ଦିବ୍ୟ ସାନିଧ ପାଇ ସମଗ୍ର ବିଶ୍ୱସମାଜ ପାଇଁ ଶାନ୍ତି, ପ୍ରେମ ଓ ଭଲପାଇବାର ମହାମନ୍ତ୍ରର ଦିଗ୍‌ଦର୍ଶନ ଦେଇଥିବା ମହାପୁରୁଷ ଶ୍ରୀ ରାମକୃଷ୍ଣ ପରମହଂସ । ସେ ୧୮୩୬ ମସିହା ଫେବୃୟାରୀ ୧୭ ତାରିଖରେ ହୁଗୁଳୀର କମାରପୁକୁରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଥିଲା ଖୁଦିରାମ ଚଟ୍ଟୋପାଧ୍ୟାୟ ଓ ମାତାଙ୍କ ନାମ ଚନ୍ଦ୍ରମଣି ଦେବୀ । ପିତାମାତାଙ୍କର ସେ ଥିଲେ ଚତୁର୍ଥ ସନ୍ତାନ । ତାଙ୍କର ଅନ୍ୟ ଭାଇଭଉଣୀମାନଙ୍କର ନାମ ହେଲା – ରାମକୁମାର, କାତ୍ୟାୟିନୀ, ରାମେଶ୍ୱର ଓ ସର୍ବସଙ୍ଗଳା । ତାଙ୍କର ପିଲାଦିନର ନାମ ଥିଲା ଗଦାଧର । ଖୁବ୍ ପିଲାଦିନୁ ସେ ମା କାଳୀଙ୍କ ପୂଜା ଆରାଧନା କରିବାରେ ଆଗ୍ରହୀ ଥିଲେ । ପ୍ରଭୁ ଶ୍ରୀକୃଷ୍ଣଙ୍କର ବିଭିନ୍ନ ଲୀଳା ପ୍ରତି ଥିଲା ତାଙ୍କର ଅହେତୁକ ଆକର୍ଷଣ ଏବଂ ସେଗୁଡ଼ିକ ନକଲ କରିବା ପାଇଁ ପ୍ରେରିତ ହେଉଥିଲେ । ପିଲାଟି ଦିନରୁ ସେ ଜଣେ ବୟସ୍କ ଲୋକ ପରି ସମ୍ମାନ ଓ ଶ୍ରଦ୍ଧା ଲାଭ କରୁଥିଲେ । ହିନ୍ଦୁ କଥନିକା ଓ ପୌରାଣିକ କଥାବସ୍ତୁକୁ ସହଜରେ ମନେ ରଖିବାର ଶକ୍ତି ତାଙ୍କର ଥିଲା । ଥରେ ଶିବରାତ୍ରିରେ ସେ ଶିବଙ୍କ ଚରିତ୍ରରେ ଅଭିନୟ କରୁଥିବା ବେଳେ ସମାଧି ଲାଭ କରିଥିଲେ ।

୧୮୫୫ ରେ ଜନ ବଜାରର ରାଣୀ ରାସମଣି ତାଙ୍କୁ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ପୂଜକ ଭାବେ ନିଯୁକ୍ତି ଦେଇଥିଲେ । ସେ ପୂଜା କରୁଥିବା ବେଳେ ତାଙ୍କର ତଲ୍ଲୀନତାକୁ ସଂଦର୍ଶନ କରିବା ପାଇଁ ଭକ୍ତଙ୍କର ଭିଡ଼ ଜମୁଥିଲା । ୨୩ବର୍ଷ ବୟସରେ ୧୮୫୯ ମେ ମାସରେ ସେ ଜୟରାମ ବାଟୀର ଶାରଦା ମଣିଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେଲେ । କ୍ରମେ ସେ ସଂସାର ବନ୍ଧନରୁ ମୁକ୍ତ ହୋଇ ସନ୍ୟାସୀ ହୋଇ ଜୀବନର ସତ୍ୟତା ସଂଧାନ କରିବା ପାଇଁ ଆଗ୍ରହୀ ହେଲେ । ଏଇ ସମୟରେ ସନ୍ଥ ତୋତାପୁରୀ ତାଙ୍କୁ ସନ୍ୟାସ ଦୀକ୍ଷା ଦେବା ସହିତ 'ପରମହଂସ' ଉପାଧିରେ ଭୂଷିତ କଲେ ।

ସତ୍ୟର ସଂଧାନରେ ମଗ୍ନରହି ସେ ଭୈରବୀ ମା ଏବଂ ଅନ୍ୟଧର୍ମର ସନ୍ଥମାନଙ୍କ ସହିତ ଆଲୋଚନାରେ ଅହରହ ନିମଗ୍ନ ରହୁଥିଲେ । ବହୁ ସମୟରେ ସେ 'ଭାବ ସମାଧି' ପ୍ରାପ୍ତ ହେଉଥିଲେ । ସେ ଆଦିତ୍ୟ ସାଧନା ଆରମ୍ଭ କରି ଜ୍ଞାନପ୍ରାପ୍ତ ହେଲେ ଏବଂ ନିଶ୍ଚିତ ହେଲେ ଯେ ଇଶ୍ୱର ଜୀବନର ସବୁ ଆକାରରେ ରହିଛନ୍ତି । ଏହାପରେ ସେ ତୀର୍ଥ ଯାତ୍ରାରେ ଯାଇ ଦେଓଘର, ବାରାଣସୀ ଓ ବୃନ୍ଦାବନ ଇତ୍ୟାଦି ସ୍ଥାନ ପରିଦର୍ଶନ କଲେ । ଆଶ୍ଚର୍ଯ୍ୟର କଥା ହେଉଛି ସେ ତାଙ୍କ ସ୍ତ୍ରୀ ଶାରଦା ଦେବୀଙ୍କୁ ମା କାଳୀଙ୍କ ପରି ପୂଜା କରୁଥିଲେ ଯାହାକୁ ଷୋଡ଼ଶୀ ପୂଜା ଭାବେ ଗ୍ରହଣ କରାଯାଏ । ସେ ଭ୍ରାତୃପ୍ରେମର ପ୍ରଚାର କରି କ୍ରମେ କେଶବ ସେନ୍, ଶିବନାଥ ଶାସ୍ତ୍ରୀ, ଗିରିଶ ଘୋଷ ଓ ନରେନ୍ଦ୍ରନାଥ ଦ□ (ପରବ□ୀ କାଳରେ ସ୍ୱାମୀ ବିବେକାନନ୍ଦ)ଙ୍କୁ ଶିଷ୍ୟ ଭାବେ ଗ୍ରହଣ କଲେ । ନରେନ୍ଦ୍ରଙ୍କ ସହିତ ତାଙ୍କର ବ୍ରହ୍ମ ବିଦ୍ୟାର ସଂପର୍କ ସ୍ଥାପିତ ହେଲା । ସେଇ ଆଦର୍ଶର ଶିକ୍ଷାଲାଭରେ ନରେନ୍ଦ୍ର ନାଥ ପରିଗଣିତ ହେଲେ 'ବିବେକାନନ୍ଦ'ରେ । ବିବେକାନନ୍ଦ ଶ୍ରୀରାମକୃଷ୍ଣ ପରମହଂସଙ୍କ ବାଣୀ ଓ ଶିକ୍ଷାକୁ ସମଗ୍ର ପୃଥିବୀ ବାସୀଙ୍କ ନିକଟରେ ଉପସ୍ଥାପିତ କଲେ ଏହି ସମୟରେ । ପ୍ରତିଷ୍ଠିତ ହେଲା ବେଲୁର ମଠ । ଏଇ ମହାପୁରୁଷଙ୍କର ମହା ପ୍ରୟାଣ ଘଟିଥିଲା ୧୬ ଅଗଷ୍ଟ ୧୮୮୬ରେ । ୨୦୧୨ ନଭେମ୍ବର ୩ ତାରିଖରେ ମସ୍କୋଠାରେ ଥିବା ଭାରତୀୟ ଦୂତବାସ ଓ ରାମକୃଷ୍ଣ ସୋସାଇଟି ଦ୍ୱାରା ପାଳିତ ହୋଇଥିଲା ତାଙ୍କର ୧୫୮ତମ ବାର୍ଷିକୀ । ଚଳିତବର୍ଷ ହେଉଛି ୧୬୧ତମ ଜନ୍ମ ବାର୍ଷିକ । ସମଗ୍ର ଭାରତବର୍ଷରେ ରାମକୃଷ୍ଣ ମିଶନ ଓ ବିବେକାନନ୍ଦ ଭାବ ପ୍ରଚାର ସମିତି ଦ୍ୱାରା ତାଙ୍କର କାଳଜୟୀ ସାଧନା ଓ ସିଦ୍ଧିର ପ୍ରଚାର ଓ ପ୍ରସାର ହୋଇ ଜନକଲ୍ୟାଣ ପାଇଁ ବିଭିନ୍ନ ସେବାଭିମୁଖୀ କାର୍ଯ୍ୟକ୍ରମରେ ନିୟୋଜିତ ରହୁଛନ୍ତି । ବେଲୁର ମଠକୁ ଯିବାର ସୁଯୋଗ ବହୁତଥର ମିଳିଛି ମୋ ଶ୍ରୀମତୀ ଡାକ୍ତର ପୂର୍ଣ୍ଣଶଶୀ ଦାସ କଲିକତାରେ ଡି.ପି.ଏଚ୍. ପାଠ ପଢୁଥିବା ସମୟରେ ଗଙ୍ଗାକୂଳରେ ଜଣେ ସମ୍ପର୍କୀୟଙ୍କ ଘରେ ପ୍ରାୟ ଗୋଟିଏ ବର୍ଷ ରହିବା ସମୟରେ ମଠରେ ବିଗ୍ରହ ଦର୍ଶନ କରିଛି । ଘ□ା ଘ□ା ନୀରବରେ ବସି ଧ୍ୟାନ କଲେ ଖୁବ୍ ଶାନ୍ତି ମିଳେ ।

ପ୍ରଫେସର ଡାକ୍ତର ଦୟାନିଧି ଦାସ

ହଜି ଯାଉଥିବା ଭାଷା

ପୃଥିବୀରୁ ବହୁ ଭାଷା ଲୋପ ପାଇଯାଉଛନ୍ତି । ଏହାକୁ ନେଇ ଭାଷାତ□ବିତ୍‌ମାନେ ବାରମ୍ବାର ଚିନ୍ତାପ୍ରକଟ କରିଆସିଛନ୍ତି । ୟୁନେସ୍କୋ ଅନୁସାରେ ପୃଥିବୀର ପ୍ରାୟ ୬,୫୦୦ ଭାଷା ମଧ୍ୟରୁ ଅଧା ଲୁପ୍ତ ହେବା ଅବସ୍ଥାରେ । ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଅନେକଙ୍କର ଚିହ୍ନବର୍ଣ୍ଣ ଲୋପ ପାଇବାର ଆଶଙ୍କା ଦେଖାଦେଇଛି । ନିକଟରେ କେତେକ ଭାଷା ସମ୍ପୂର୍ଣ୍ଣ ଲୋପ ପାଇଯାଉଛି, କାରଣ ଏହାକୁ କହୁଥିବା ଲୋକ ଆଉ କେହି ବ□ିନାହାନ୍ତି । ଏଭଳି ଏକ ଭାଷା ହେଲା 'ଉଭି' । ୧୯୯୨ରେ ତୁର୍କିର ଏହି ଭାଷା କହୁଥିବା ଶେଷବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଆଉ ଏକ ମୃତଭାଷା ହେଲା 'ଅକ୍କାଲା ସାମି' । ରୁଷ ଦେଶର ଏହି ଭାଷାକୁ କହୁଥିବା ଏକମାତ୍ର ଲୋକଟିର ୨୦୦୩ରେ ମୃତ୍ୟୁ ଘଟିଥିଲା । ସେହିପରି ଆଉ ଏକ ଲୁପ୍ତ ଭାଷା ହେଲା 'ଇୟାକ' । ଆମେରିକାର ଆଲାସ୍କା ଅ□ଳରେ ଏହି ଭାଷା ବ□ିରହିଥିଲା । ୨୦୦୮ରେ ଏହି ଭାଷା କହୁଥିବା ଶେଷବ୍ୟକ୍ତି ମେରୀ ସ୍ମିଥ୍ ଜୋନ୍ସଙ୍କ ମୃତ୍ୟୁ ହୋବ ସହ 'ଇୟାକ୍' ଭାଷାର ମଧ୍ୟ ମୃତ୍ୟୁ ହେଲା । ତେବେ ଭାଷାବିତ୍ ଡ.ମାର୍କ ଟୁରିନ୍‌ଙ୍କ ମତରେ ନ୍ୟୁୟର୍କ ଭଳି ମହାନଗରୀରେ ପ୍ରାୟ ୮୦୦ ପ୍ରକାରର ଭାଷା କହୁଥିବା ଲୋକେ ରହନ୍ତି । ପୃଥିବୀର କୋଣଅନୁକୋଣରୁ ଯାଇ ବିଭିନ୍ନ ଭାଷାଭାଷୀ ଲୋକେ ସେଠାରେ ବସବାସ କରୁଛନ୍ତି । ତେଣୁ ଏଡି ନଗରୀଟି ଭାଷାବିତ୍‌ଙ୍କ ଗବେଷଣା ପାଇଁ ଅତ୍ୟନ୍ତ ମହ□ପୂର୍ଣ୍ଣ ସ୍ଥାନ ହୋଇଛି । ନ୍ୟୁୟର୍କରେ ବିଭିନ୍ନ ଭାଷା ଶୁଣିବା ପାଇଁ ଆପଣଙ୍କୁ ବିଶେଷ କିଛି କରିବା ଦରକାର ହେବନାହିଁ । କେବଳ ସବ୍‌ୱେର ଆପଣ ଯାଆନ୍ତୁ । ରାସ୍ତାରେ ଆପଣଙ୍କୁ କୋରିଆ, ଚୀନା, ବଙ୍ଗାଳୀ, ଗୁଜୁରାଟି, ନେପାଳୀ ସମେତ ବିଭିନ୍ନ ଭାଷା ଶୁଣିବାକୁ ମିଳିବ । ରାସ୍ତାରେ ମଧ୍ୟ ଆପଣ ବିଭିନ୍ନ ଭାଷାର ଚିହ୍ନ ଓ ସଂକେତ ଲଟକାଯାଇଥିବା ଦେଖିବେ । ତେବେ ନ୍ୟୁୟର୍କ ଏଭଳି ଏକ ଜାଗା, ଯେଉଁଠି ଅନେକ ଭାଷାର ମୃତ୍ୟୁ ମଧ୍ୟ ଘଟୁଛି । ଭାଷାବିତ୍ ଡାନିଏଲ କଫମ୍ୟାନ୍ କହନ୍ତି ଯେ ସ୍ଲୋଭାନିଆର ଗଟଶିୟର୍ସ ଲୋକ ସ୍ଲାଭିକ୍ ଭଳି ଏକ ଭାଷା କୁହନ୍ତି, ଯାହାକୁ ଜର୍ମାନୀର ଲୋକେ ବୁଝିପାରନ୍ତି ନାହିଁ । ଏହି ଭାଷା କହୁଥିବା କିଛି ଲୋକଙ୍କ ମଧ୍ୟରୁ କେତେ ଜଣ କୁଇନ୍ସରେ ରହୁଛନ୍ତି । ସେହିପରି ହୋଣ୍ଡୁରାସ ଓ ବେଲିଜ୍‌ର ଗରିଫୁନା ଭାଷା କହୁଥିବା କେତେକ ପ୍ରବାସୀ ଲୋକେ ମଧ୍ୟ ଆମେରିକାରେ ରହୁଛନ୍ତି । ଆମେରିକାର କେତେଜଣ ଭାଷାବିତ୍ ଏକାଠି ହୋଇ ଏବେ 'ଏନଡେ଼ଞ୍ଜର୍ଡ଼ ଲାଙ୍ଗୁଏଜ୍ ଆଲାଏନ୍ସ' ବା ଲୁପ୍ତପ୍ରାୟ ଭାଷା ମୋ□ ନାମକ ଏକ ସଂଗଠନ ଗଢ଼ିଛନ୍ତି । ସେମାନେ ଲୁପ୍ତପ୍ରାୟ ଭାଷାଗୁଡ଼ିକୁ ସଂରକ୍ଷିତ କରିବାକୁ ଚେଷ୍ଟା କରୁଛନ୍ତି । ସେମାନେ ଏବେ ଇଣ୍ଡୋନେସିଆର ସୁଲାଭେସିର 'ମମୁଜୁ' ଭାଷା କହୁଥିବା ହୁସ୍ନି ହୁସେନଙ୍କ ଭିଡ଼ିଓ ମଧ୍ୟ ତିଆରି କରିଛନ୍ତି । ନ୍ୟୁୟର୍କରେ ଏହି ଭାଷା କହୁଥିବା ସେ ଏକମାତ୍ର ବ୍ୟକ୍ତି ।

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ହେବା ଦ୍ୱାରା ଏହି ଭାଷା ସାହିତ୍ୟର ଗବେଷକଙ୍କ ପାଇଁ ବର୍ଷକୁ ଦୁଇଟି ମୂଲ୍ୟବାନ ଆନ୍ତର୍ଜାତିକ ପୁରସ୍କାର ପ୍ରତିଷ୍ଠା ହୋଇପାରିବ । ଏହି ଭାଷାର ଅଧ୍ୟୟନ ଓ ଗବେଷଣା ପାଇଁ ଗବେଷଣା ପରିଷଦ ସ୍ଥାପନ କରାଯିବ ଏବଂ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କୁ ନିର୍ଦ୍ଦେଶ ଦିଆଯିବାର ବ୍ୟବସ୍ଥା ରହିଛି । ଏହି ଭାଷାର ଉନ୍ନତି, ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ସରକାର ଏକ ଶହ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିବେ । ପ୍ରତିବର୍ଷ ବଜେଟରୁ ଭାଷା ପ୍ରସାର ପାଇଁ ଅନ୍ୟୁନ ୫କୋଟି ଟଙ୍କା ରାଜ୍ୟ ପାଇବ । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ସହିତ ଜାତୀୟ ଗୌରବ ଓ ସ୍ୱାଭିମାନ ସଂଶ୍ଲିଷ୍ଟ । ଏହି ମହାନ କାର୍ଯ୍ୟ ପାଇଁ ବ୍ୟାପକ ଭାବେ ସାମୂହିକ ଉଦ୍ୟମ ଫଳପ୍ରଦ ହୋଇଛି । କହିବା ବାହୁଲ୍ୟ ଯେ ଭାରତରେ ବି ଏଭଳି ବହୁ ଭାଷା ଲୁପ୍ତପ୍ରାୟ ଅବସ୍ଥାରେ ରହିଛନ୍ତି । ବହୁ ଭାଷା, ବିଶେଷକରି ଆଦିବାସୀ ଅ□ଳର ଭାଷାଗୁଡ଼ିକର ଲିପି ନଥିବାରୁ ସେଗୁଡ଼ିକ ଲୋପ ପାଇବାର ବେଶି ଆଶଙ୍କା ରହିଛି । ଏଭଳି ଭାଷାକୁ ଚିହ୍ନଟ କରି ଆମ ଏଠାରେ ମଧ୍ୟ ବିଭିନ୍ନ ଉପାୟରେ ସଂରକ୍ଷଣ କରାଯିବା ଆବଶ୍ୟକ ।

ଅରୁନ୍ଧତୀ ଦେବୀ
ଶୋଭନୀୟ ଆନ୍ଦୋଳନ,
ଉଦୟଗିରି, ଯାଜପୁର

_é[ĉáebĥû

ପୃଥିବୀରେ ତାଲିକାଭୁକ୍ତ ଭାଷା ସଂଖ୍ୟା ୬୯୦୯ । ତେବେ ଏହାଠାରୁ ଅଧିକ ସଂଖ୍ୟକ ଭାଷା ରହିଥିବା ଜଣାଯାଏ । ୨୧୦୦ ମସିହା ସୁଦ୍ଧା ଏଥିରୁ ୫୦-୯୦ ପ୍ରତିଶତ ଭାଷା ଲୋପପାଇଯିବାର ଆଶଙ୍କା କରାଯାଉଛି । ବିଶ୍ୱର ମୋଟ ଜନସଂଖ୍ୟାର ଅର୍ଦ୍ଧେକ ମାତ୍ର ୨୦ଟି ଭାଷା କହନ୍ତି । ମାଣ୍ଡାରିନ୍ ବା ଚାଇନିଜ୍ ଭାଷାଭାଷୀଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ । ବିଶ୍ୱର ମୋଟ ଜନସଂଖ୍ୟାର ୧୪.୪ ପ୍ରତିଶତ ମାଣ୍ଡାରିନ୍ କହନ୍ତି । ଦ୍ୱିତୀୟ ସ୍ଥାନରେ ରହିଛି ସ୍ପାନିସ୍ । ସ୍ପାନିସ୍ ଭାଷାଭାଷୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟା ୬.୧୫ ପ୍ରତିଶତ । ତୃତୀୟ ସ୍ଥାନରେ ରହିଛି ଇଂଲିସ୍ । ଇଂଲିସ୍ ଭାଷାଭାଷୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୫.୪୩ ପ୍ରତିଶତ । ସବୁଠାରୁ ଅଧିକ ପ୍ରଚଳିତ ଭାଷା ତାଲିକାରେ ଇଂଲିସ ତଳକୁ ଅଛି ହିନ୍ଦୀ (ମୋଟ ଜନସଂଖ୍ୟାର ୪.୭୦ ପ୍ରତିଶତ), ଆରବୀ (ମୋଟ ଜନସଂଖ୍ୟାର ୪.୪୩ ପ୍ରତିଶତ), ପ□ୁଗିଜ (ମୋଟ ଜନସଂଖ୍ୟାର ୩.୨୭ ପ୍ରତିଶତ), ବାଙ୍ଗଲା (ମୋଟ ଜନସଂଖ୍ୟାର ୩.୧୧ ପ୍ରତିଶତ), ରସିଆନ୍ (ମୋଟ ଜନସଂଖ୍ୟାର ୨.୩୩ ପ୍ରତିଶତ), ଜାପନିଜ (ମୋଟ ଜନସଂଖ୍ୟାର ୧.୯୦ ପ୍ରତିଶତ) ଓ ପଞ୍ଜାବୀ (ମୋଟ ଜନସଂଖ୍ୟାର ୧.୪୪ ପ୍ରତିଶତ) ।

ପ୍ରାଚୀନ କୀ ିରାଜିର ଅନନ୍ୟ ଉଦାହରଣ: ଓଡ଼ଗାଁର ରଘୁନାଥ ଜୀଉ ମନ୍ଦିର

ଓଡ଼ିଶାର ପ୍ରାଚୀନ କୀ□ ସମଗ୍ରୀ ଭାରତବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ମନ୍ଦିର ମାଳିନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ଓଡ଼ିଶାର କୋଣ ଅନୁକୋଣରେ ଲୁଚି ରହିଛି ଓଡ଼ିଆ କାରିଗରଙ୍କର ନିଖୁଣ କାରୁକାର୍ଯ୍ୟର ଜୀବନ୍ତ ଚିତ୍ର । ତେବେ ସେମାନଙ୍କ ମଧ୍ୟରୁ କେତେକ ଲୋକଲୋଚନକୁ ଆସିବାରେ ସମ୍ଭବ ହୋଇଛି ତ ଆଉ କେତେକ କାଳର ଗର୍ଭରେ ବିଲୀନ । ତଥାପି ଯେଉଁ କି□ୀରାଜିମାନ ଜନମାନସରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛି ଓଡ଼ଗାଁର ବଳଦେବଜୀଉ ମନ୍ଦିର । ଏହା କାରୁକାର୍ଯ୍ୟ ଯେପରି ସୌନ୍ଦର୍ଯ୍ୟପୂର୍ଣ୍ଣ ସେହିପରି ମନମୁଗ୍ଧକର ।

ଓଡ଼ଗାଁର ଶ୍ରୀ ଶ୍ରୀ ରଘୁନାଥଜୀଉ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ କ୍ଷେତ୍ର । ନୟାଗଡ଼ ଜିଲ୍ଲାର ମାତ୍ର ୨୫ କିଲୋମିଟର ପଶ୍ଚିମକୁ ବ୍ରହ୍ମପୁର ରାସ୍ତାରେ ଗଲେ ଏହି ପୀଠ ପଡେ । ଏହି ମନ୍ଦିରର ନିର୍ମାଣ କୌଶଳ ଅତୀବ କାରୁକାର୍ଯ୍ୟପୂର୍ଣ୍ଣ । ମୁଖ୍ୟ ମନ୍ଦିର ଭିତରେ ଥିବା ରତ୍ନ ସିଂହାସନରେ ରାମ, ଲକ୍ଷ୍ମଣ, ସୀତା ବିରାଜମାନ । ପାଖକୁ ଦର୍ଶନ ବେଢ଼ା ବା ମନ୍ଦିର । ଭକ୍ତମାନେ ଅର୍ଗଳି ବାହାରେ ଏହି ମନ୍ଦିର ଭିତରେ ରହି ଦର୍ଶନ ଲାଭ କରନ୍ତି । ଦର୍ଶନ ମନ୍ଦିର ଭିତରେ ରାମଭକ୍ତ ହନୁମାନ ଯୋଡ଼ ହସ୍ତରେ ଅବସ୍ଥାପିତ । ତା'ପରେ ନାଟ୍ୟ ମନ୍ଦିର । ଏଠାରେ ନୃତ୍ୟ, ସଂଗୀତ, ଭଜନ, କୀ□ନ ଏବଂ ଗୀତଗୋବିନ୍ଦ ପ୍ରଭୃତି ପରିବେଷଣ କରାଯାଏ । ଏହି ନାଟ ମନ୍ଦିରର ଭିତରପଟ ଛାତରେ ରାମ-ରାବଣ ଯୁଦ୍ଧ ସମୟର ଚିତ୍ର ସୁନ୍ଦର ଭାବେ ଖୋଦିତ ହୋଇଅଛି । ଉଭୟ ପକ୍ଷରୁ ସୈନ୍ୟସାମନ୍ତଙ୍କ ଭିତରେ ଆଶ୍ୱାରୋହୀ, ଗଜାରୋହୀ, ପଦାତିକ, ରଥାରୋହୀ ପ୍ରଭୃତି ବୀରଦର୍ପରେ ସୁସଜ୍ଜିତ । ଏହି ମନ୍ଦିର କାନ୍ଥରେ ମନ୍ଦିରର ପ୍ରତିଷ୍ଠା ଦିବସ ବିବରଣୀ ମାର୍ବଲ ଫଳକରେ ସ୍ଥାପିତ ହୋଇଅଛି । ଏହାର ଦ୍ୱାରଦେଶ ଉପରେ ନବଗ୍ରହ ମୂ□ ବିରାଜମାନ । ଏହି ତିନି ମନ୍ଦିର ଚୂଡାରେ ତିନୋଟି ସ୍ୱର୍ଣ୍ଣକଳସ ଉପରେ ସ୍ୱର୍ଣ୍ଣଚକ୍ର ଏବଂ ତା' ଉପରେ ପତିତପାବନ ପତାକା ଉଡ଼୍ଡ଼ୀୟମାନ । ତିନି ମନ୍ଦିର ଦଧିନଉତି ଉପରେ ଥିବା ତିନୋଟି ସୁନାକଳସ ଚକ୍ରର ଓଜନ ପଇଁଚାଳିଶ କିଲୋଗ୍ରାମ ଏବଂ ପ୍ରତ୍ୟେକକୁ ଗୋଟିଏ ଗୋଟିଏ ତମ୍ବାଶାବଳ ଦ୍ୱାରା ଦଧିନଉତି ସହ ଶକ୍ତ ଭାବରେ ଖଞ୍ଜା ଯାଇଛି ।

ମନ୍ଦିରର ଚାରିପାର୍ଶ୍ୱରେ ଚାରୋଟି ଦ୍ୱାରା ସିଂହଦ୍ୱାର, ବ୍ୟାଘ୍ରଦ୍ୱାର, ହସ୍ତୀଦ୍ୱାର ଏବଂ ଅଶ୍ୱଦ୍ୱାର । ସିଂହଦ୍ୱାରରେ ଦୁଇଟି ବିରାଟ ତଥା ଭୀଷଣକାୟ ସିଂହ ଦଣ୍ଡାୟମାନ । ସିଂହ ଦୁଇଟିର ଅଙ୍ଗସୌଷ୍ଟବ ମନମୁଗ୍ଧକର । ସେହି ଦ୍ୱାରର ଛାତ ଉପରେ ରାମ ଅଭିଷେକ ଚିତ୍ର ଅତୀବ ଆକର୍ଷଣୀୟ । ସେହିପରି ବ୍ୟାଘ୍ର ଦ୍ୱାରା ଛାତ ଉପରେ ଗରୁଡ଼ ପିଠି ଉପରେ ଉଭା ଲକ୍ଷ୍ମୀନାରାୟଣ ସହ ଅନ୍ୟ ମୂ□ ସବୁ ଚି□ାକର୍ଷକ । ପାର୍ଶ୍ୱଦେବତାଙ୍କ ମଧ୍ୟରେ ପୂର୍ବଦିନ ସିଂହଦ୍ୱାରରେ ପତିତପାବନ ମୂ□, ବିରଜା ଠାକୁରାଣୀ, ପ□ମୁଖୀ ହନୁମାନ, ସିଂହଦ୍ୱାର ଉଭୟ ପାର୍ଶ୍ୱରେ ରାମେଶ୍ୱର ମହାଦେବ, ଶ୍ରୀଚୈତନ୍ୟ ବା ନିତାଇ ଗୌର, ପ□ଦେବତା-ଗଣେଷ, ନାରାୟଣ, ରୁଦ୍ର, ଅମ୍ବିକା, ଭାସ୍କର । ପ□ଦେବତାଙ୍କ ନିକଟରେ ସୂର୍ଯ୍ୟବଂଶର ଇଷ୍ଟଦେବତା ସୂର୍ଯ୍ୟଦେବତା ସପ୍ତାଶ୍ୱ ରଥ ବିମାନରେ ବିରାଜମାନ । ପରମ୍ପରା ଅନୁଯାୟୀ ପ୍ରଥମେ ଏଠାରେ ଭୋଗ ହେଲା ପରେ ଯାଇ ରଘୁନାଥଙ୍କନିକଟରେ ଭୋଗ ଲାଗେ । ସୂର୍ଯ୍ୟମନ୍ଦିରର ନିକଟରେ ତୁଳସୀଦେବୀ ତଥା ବୃନ୍ଦାବତୀଙ୍କ ଚଉରା । ତା' ପରେ ବାଲ୍ମିକୀ, ନୃସିଂହ, ଜନକ, ରଷ୍ୟଶୃଙ୍ଗ, କାଳିଞ୍ଜନ, ବିଶ୍ୱାମିତ୍ର, ବଶିଷ୍ଠ, ଗୌତମ, ନାରଦ, ଭରଦ୍ୱଜ ପ୍ରମୁଖ ଦ୍ୱାଦଶ ଋଷିଙ୍କର ଆସନପୀଠ । ତା' ପଛକୁ ରୋଷଘର । ଦକ୍ଷିଣ ଦିଗରେ ଅବସ୍ଥାପିତ ଚିତ୍ରକୂଟ ପର୍ବତ । ଯାହା ଉପରେ ରାମ, ଲକ୍ଷ୍ମଣ, ସୀତା ଅବସ୍ଥାପିତ ଏବଂ ଭରତ ଯୋଡ଼ାହସ୍ତରେ ପାଦୁକା ନେବା ଅଭିପ୍ରାୟରେ ଦଣ୍ଡାୟମାନ । ଠିକ୍ ଚିତ୍ରକୂଟ ପାଖକୁ ଲାଗି ଦୁର୍ଗାମନ୍ଦିର । ଦୁର୍ଗା ମନ୍ଦିର ପରେ ପଶ୍ଚିମ ପଟକୁ ଆନନ୍ଦ ବଜାର, ମିଷ୍ଟାନ୍ନ ବଜାର । ସାବିତ୍ର, କାଳୀ ଲକ୍ଷ୍ମୀର ସରସ୍ୱତୀଙ୍କ ମନ୍ଦିର । ଉ□ର ଦିଗରେ ଭଣ୍ଡାରଘର ଏବଂ ସୁବଳୟା ପର୍ବତ । ଯେଉଁ ପର୍ବତ କି ଦେଖଣାହାରୀ ମନରେ ବିସ୍ମୟ ସୃଷ୍ଟି କରେ ଏହାର ବିଶାଳତା ଏବଂ ନିର୍ମାଣ ଶୈଳୀ ଯୋଗୁଁ । ଏହି ନିର୍ମିତ ପବର୍ତ ଭିତରେ ବିଶାଳକାୟ କୋଠାରୀ, କୋଠରୀ ଭିତରେ ହନୁମାନ, ସୁଗ୍ରୀବ, ବିଭୀଷଣ, ଜାମ୍ବବାନ, ନଳ, ନୀଳ, ଅଙ୍ଗଦ, ଅହଲ୍ୟା, ବିଜ୍ଞାନୀ, କୈବ□, ତାଡ଼କା, ଅସୁରୁଣୀ, ଜଟାୟୁ ପ୍ରଭୃତି ସୈନ୍ୟସାମନ୍ତ, ପାତ୍ରମନ୍ତ୍ରୀ ତଥା ରାଜ ସଭାର ପାରିଷଦବର୍ଗ ଅବସ୍ଥାପିତ । ପାର୍ଶ୍ୱଦେବତାଙ୍କ ମଧ୍ୟରେ ଦଶ ଅବତାର, ଅନନ୍ତ ଶୟନ, କାଳୀୟ ଦଳନ, ଅହଲ୍ୟା ଉଦ୍ଧାରଣ ପ୍ରଭୃତି ଅନେକ ଚିତ୍ରପନ୍ତି । ଅନନ୍ତ ଶୟନ ଦୃଶ୍ୟ ଅତୀବ ଚି□ାକର୍ଷକ । ଝୁଲଣ ମଣ୍ଡପ ଅତି ମନୋରମ ରଙ୍ଗୀନ ମାର୍ବଲ ପ୍ରସ୍ତରରେ ନିର୍ମିତ ଏବଂ କାରୁକାର୍ଯ୍ୟ ମଣ୍ଡିତ । ପୁରୀର ବିଶ୍ୱପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବାରମାସରେ ତେର ପର୍ବ ପରି ଓଡ଼ଗାଁର ଅଧୀଶ୍ୱର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ମଧ୍ୟ ଅନୁରୂପ ପର୍ବପାର୍ବଣୀ ପାଳନ କରାଯାଏ । ଶ୍ରୀ ଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରି ଏଠାରେ ଶ୍ରୀ ରାମନବମୀ ଯାତ୍ରା ମଧ୍ୟ ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରସିଦ୍ଧ ଯାତ୍ରା ରୂପେ ଲୋକପ୍ରିୟ । ଅବିକଳ ଭାବେ କଟକର ବାଲିଯାତ୍ରା ସହ ଏହାକୁ ତୁଳନା କରାଯାଏ । ଏହି ଯାତ୍ରା ଦୀର୍ଘ ବାରଦିନ ଯାଏ ପାଳନ କରାଯାଏ । ବାରଦିନରେ ଠାକୁରଙ୍କର ବେଶ ଅତ୍ୟନ୍ତ ଆକର୍ଷଣୀୟ । ସେଗୁଡିକ ହେଲା ଜନ୍ମନାରାୟଣ, ତାଡ଼କାବଧ, ଗଙ୍ଗପାର, ସୀତାବିବାହ, ବନବାସ, ଚିତ୍ରକୂଟ, ଅଷ୍ଟଅବଧାନ, ଯୁଦ୍ଧଯାତ୍ରା ଏବଂ ପରିଶେଷରେ ଅଭିଷେକ । ଏହାବାଦ୍ କା□କବାସ ପ□ୁକ ପା□ଦିନଯାକ ଠାକୁର ଯଥାକ୍ରମେ କା□କାବେରୀ, ଷଡ଼ଭୁଜ ଚୈତନ୍ୟ, ଲକ୍ଷ୍ମୀନାରାୟଣ, ଗଜଉଦ୍ଧାରଣ ଏବଂ କୃଷ୍ଣବଳରାମ ବେଶ ଲାଗି ହୁଅନ୍ତି । ହଜାର ହଜାର ଭକ୍ତଙ୍କର ସମାଗମରେ ଏହି କ୍ଷେତ୍ର ମୁଖରିତ ହୋଇଉଠେ । ବିଭିନ୍ନ ପ୍ରକାର ଯାତ୍ରାଦଳ, ପାଲା, ଦାସକାଠିଆ, ସଂଗୀତ, ପ୍ରବଚନ, ଦଣ୍ଡନାଚ, ଦୁଆରୀ, କାଳୀୟଦଳନ, କଣ୍ଢେଇନାଚ, ସର୍କସ, ଚକ୍ରୀ ପ୍ରଭୃତି ସାଂସ୍କୃତିକ ସମାରୋହରେ ଏହି ପୀଠ ମୁଖରିତ ହୋଇଉଠେ । ଶିବରାତ୍ରିର ହରିହର ମେଳଣ, ଦଶହରା, ଚନ୍ଦନଯାତ୍ରା ପ୍ରଭୃତି ଯାବତୀୟ ପର୍ବପାର୍ବଣୀ ବଡ଼ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୁଏ । ମନ୍ଦିରର ଅନତିଦୂରରେ ରାମ ସାଗର ନାମରେ ଏକ ବିରାଟ ପଦ୍ମପୁଷ୍କରଣୀ ଅଛି । ଯାହା ଆଇମା କାହାଣୀମାଳାର ପଦ୍ମପୁରଷ୍କରିଣୀ ପରି ମନୋରମ । ଚତୁଃପାର୍ଶ୍ୱ ନାରିକେଳ, ଆମ୍ବ, ପଣସ, କଦଳୀ, କଦମ୍ବ, ପିଜୁଳି ପ୍ରଭୃତି ରସାଳ ଫଳ ଏବଂ ସୁଗନ୍ଧ ପୁଷ୍ପରାଜିରେ ପରିପୂର୍ଣ୍ଣ । ଏହି ପୁଷ୍କରଣୀର ଜଳ ଅତି ମଧୁର, ଯାହାକୁ ପାନ କଲେ ବିଭିନ୍ନ ରୋଗ ଓ ସନ୍ତାପ ଦୂର ହୁଏ । ଏହି ପୁଷ୍କରଣୀର । ଆୟତନ ମଧ୍ୟ ଓଡ଼ିଶାରେ ଅଦ୍ୱିତୀୟ । ରଘୁନାଥଜୀଉଙ୍କ ଭୋଗ ସାମଗ୍ରୀ ଭିତରେ ରାବିଡ଼ି ପ୍ରସିଦ୍ଧ । ଏଠାରେ ଥିବା ବୈଦେହୀଶ ପାଠାଗାର ମଧ୍ୟ ଏକ ବିରଳ ଅନୁଷ୍ଠାନ । ଅନେକ ଭକ୍ତ ତାଙ୍କର ମାନସିକ ପୂରଣ ନିମନ୍ତେ ଏଠାରେ ଅନଶନ କରି ଗୁହାରିଆ ରୂପେ ଧାରଣା ଦିଅନ୍ତି । ଆଶ୍ଚର୍ଯ୍ୟଜନକ ଭାବେ ସେମାନଙ୍କର ମନକାମନା ପୂରଣ ହୁଏ ।

ଲୀଳାମୟ ଜଗନ୍ନାଥଙ୍କ ଅଲୌକିକ ମହାପ୍ରସାଦ

ଓଡ଼ିଆର ଜନଜୀବନର ପ୍ରତିଟି ଚିନ୍ତନ, ସ୍ପନ୍ଦନ ଓ ଶ୍ୱାସପ୍ରଶ୍ୱାସରେ ହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ସମସ୍ତେ ତାଙ୍କରି ଲୀଳା, ମହିମା, କୃପା ଜୀବନର ପ୍ରତିଟି କ୍ଷେତ୍ରରେ ଅନୁଭବ କରିଥାନ୍ତି । ସେହି ଲୀଳାମୟଙ୍କ ଦିବ୍ୟ ଅଲୌକିକ ପୁରୀ ଶ୍ରୀକ୍ଷେତ୍ରରର ସନ୍ନିକଟ ଏକ ମଫସଲ ଗାଁରେ ଜନ୍ମ ହୋଇଥିବା ଏହି ଅଧମ ମହାପ୍ରଭୁଙ୍କ ମହାପ୍ରସାଦର ଯେଉଁ ଦିବ୍ୟ ଦାୟିତ୍ୱ କୃପା ପାଇଛି ତାହା ଭାବିବା ବେଳକୁ ହୃଦୟ ଭିତରେ କୋହ ବାହାରକୁ ଦୁଇ ଆଖିରେ ଲୁହ ହୋଇ କୃତଜ୍ଞତାର ଭାଷାରେ ସବୁକିଛି ହିଁ ମୋ ପାଇଁ ଯେପରି ନିର୍ବାକ୍ ହୋଇଯାଉଛି । ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଏକ ମଫସଲ ଗାଁ ଦକ୍ଷିଣ ରାଉଙ୍ଗରେ ମୋର ଜନ୍ମ । ପିଲାଟି ଦିନରୁ ମହାପ୍ରଭୁ ଜଗନ୍ନାଥ ଓ ଗ୍ରାମଦେବତୀ ମା'ନାରାୟଣୀଙ୍କୁ ପୂଜା ନୈବେଦ୍ୟ ଓ ଭକ୍ତି ପ୍ରାର୍ଥନା ସମର୍ପଣ କରିଥାଏ । ପାଠଶାଠ ଶେଷ ପରେ ତେଲଲୁଣର ସଂସାରକୁ ନେଇ ଚିନ୍ତା କରି ହଜାରେ ବର୍ଷର କଟକ ସହରରେ ପାଦ ଦେବା ପରେ କର୍ମବ୍ୟସ୍ତ ଭିତରେ ସବୁକିଛି ହିଁ ସେହି ମହାପ୍ରଭୁଙ୍କ ଉପରେ ସମର୍ପଣ କରିଦେଇଥାଏ ଯେ ସେ ହିଁ ଯାହାକିଛି କରିବେ । ଏହି ଅନୁଭୂତି ବର୍ଣ୍ଣନା କଲାବେଳକୁ ମୋ ଆଖିରୁ ଲୁହର ବନ୍ୟା କମି ପାରୁନାହିଁ । ୨୦୦୯ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ପା□ଦିନ ବ୍ୟାପିଥାଏ । ସାଟେଲାଇଟ ସିଟି ଭାବରେ ପରିଚିତ ମର୍କତ ନଗର ସେକ୍ଟର-୬ସ୍ଥିତ ମର୍କତ ନଗର ଆବାସିକ ସଂଘ କାର୍ଯ୍ୟାଳୟରେ କିଛି ଉଦ୍ୟମୀ ସମାଜସେବକ ଭଦ୍ରବ୍ୟକ୍ତିଙ୍କୁ ପ୍ରସ୍ତାବ ଦେଇଥିଲି 'ମୁଁ ଠାକୁରଙ୍କୁ ଭୋଗ ଲଗାଇବାକୁ ଚାହୁଁଛି' । ଏ କଥାଟି କହିବା ପୂର୍ବରୁ ମୁଁ ସେପରି କିଛି ଦାୟିତ୍ୱ ନେବା ପାଇଁ କଉ ପଇସାପତ୍ର ଧରି ପ୍ରସ୍ତୁତ ବି ହୋଇନଥାଏ । କିନ୍ତୁ ଦେବ ପ୍ରତିମ ସେ ସମୟ ଦାୟିତ୍ୱରେ ଥିବା ମର୍କତ ନଗର ଆବାସିକ ସଂଘର ସମ୍ମାନନୀୟ ସଭାପତି ଗୋପାଳକୃଷ୍ଣ ମହାନ୍ତି ଓ ସମ୍ପାଦକ ନିଶାକର ଦାସଙ୍କୁ ସେକ୍ଟର-୬ରେ ଗଢ଼ି ଉଠିଥିବା ମହାପ୍ରଭୁ ଜଗନ୍ନାଥ, ଚନ୍ଦ୍ରଶେଖର ବାବା, ଅଲୌକିକ ମହାବୀର ହନୁମାନ ଓ ମା'ମଙ୍ଗଳାଙ୍କ ମନ୍ଦିର ପରିସରରେ ମହାପ୍ରସାଦ ପ୍ରସ୍ତୁତି ଓ ବିତରଣ ପାଇଁ ମୁଁ ପ୍ରସ୍ତାବ ଦେବା ମାତ୍ରକେ ସେହି ଭଦ୍ରବ୍ୟକ୍ତିମାନେ ତତ୍‌କ୍ଷଣାତ ରାଜି ହୋଇଯାଇଥିଲେ । ମୁଁ ନାଁ ଥିଲି ଜଣେ କେଉଁ ପରିଚିତ ଲୋକ ନାଁ ସ୍ଥାନୀୟ ଲୋକ ନାଁ ପଇସାପତ୍ର ଥିବା ଜଣେ ଧନୀଶ୍ରେଣୀର । କିଛି ମୋର ନଥାଇ ବି ସେହି ମହାପ୍ରଭୁ ଜଗନ୍ନାଥଙ୍କ ଲୀଳାରେ ଉପରୋକ୍ତ ଭଦ୍ରବ୍ୟକ୍ତିମାନେ ରାଜି ହୋଇଯାଇଥିଲେ ମୋ ପ୍ରସ୍ତାବରେ । ସିଡ଼ିଏର ମୁଖ୍ୟ ରାସ୍ତାକୁ ଛୁଇଁଥିବା ତଥା ବ୍ୟସ୍ତବହୁଳ ଜୟନାରାୟଣ ପାର୍କ ଓ କୃଷକ ବଜାରର ସାମ୍ନାରେ ଥିବା ପାଖାପାଖି କୋଡିଏ ଗୁଣ୍ଠ ଜମି ଉପରେ ଗଢ଼ି ଉଠିଥିବା ଏହି ଭବ୍ୟ ଦେବାଳୟ ବାସ୍ତବିକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ତଥା ଜଗନ୍ନାଥପ୍ରେମୀଙ୍କ ପାଇଁ ଅତ୍ୟନ୍ତ ମନୋରମ କ୍ଷେତ୍ର । ପୁରୀ ଶ୍ରୀକ୍ଷେତ୍ରର ପାଖ ଗାଁର ପିଲା ହୋଇଥିବାରୁ ତଥା ପୁରୀ ଆନନ୍ଦ ବଜାରରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦର ପ୍ରସ୍ତୁତି ବିତରଣ ତଥା ତାହାର ମହିମା ବିଷୟରେ ଯତ୍‌କି□ିତ ଅବଗତ ଥିଲି । ପ୍ରସ୍ତାବଟି ସିନା ଦେଇଦେଲି କିନ୍ତୁ କିପରି ଏହାକୁ ନିଷ୍ଠାର ସହିତ ତୁଲାଇ ପାରିବି ତାହାଥିଲା ମୋ ପାଇଁ ବଡ଼ ଚିନ୍ତାର ବିଷୟ । ତେବେ ମୁଁ ଏ ପ୍ରସ୍ତାବ ଦେବା ପାଇଁ ବା କିଏ ? ଏହି କଥା ଭାବି ସବୁକିଛି ସମର୍ପି ଦେଲି ସେହି ମହାପ୍ରଭୁଙ୍କ ଉପରେ । ସବୁକିଛି ସମର୍ପଣ କରି ଏକନିଷ୍ଠ ଭାବରେ ଭକ୍ତିପୂତ ପରିବେଶରେ ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ପ୍ରସ୍ତୁତି ପାଇଁ ଆଗଭର ହୋଇଥିଲି । ଏହି ଗୁରୁଦାୟିତ୍ୱ ପାଇଁ ଉପରୋକ୍ତ ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ବ୍ୟତୀତ ଆବାସିକ ସଂଘର କର୍ମକ□ା ସଭ୍ୟ ମଣ୍ଡଳୀ ତଥା ସ୍ଥାନୀୟ ଜନସାଧାରଣ ମୋତେ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ହାତ ବଢ଼ାଇ ଦେଇଥିଲେ । ସେହିମାନଙ୍କର ସହଯୋଗ ଆଜି ମୋ ଗୁରୁ ଦାୟିତ୍ୱକୁ ଆହୁରି ଦିବ୍ୟମୟ କରିପାରିଛି । ତେବେ ସବୁଠାରୁ ବଡ଼କଥା ଥିଲା ନିଷ୍ଠାର ସହିତ ଏହାକୁ ତୁଲାଇବା । ତେବେ ଯାହାହେଉ ସବୁକିଛି ମହାପ୍ରଭୁ ହିଁ ଚଳାଇ ନେଉଛନ୍ତି । ସବୁଠାରୁ ବଡ଼କଥା ଥିଲା କଟକପରି ଓଡ଼ିଶାର ଏକ ବଡ଼ ସହରରେ ରାଣୀହାଟ ହେଉ ବା ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ ହେଉ ବା ରାମ ମନ୍ଦିର । ଯେଉଁପରି ସ୍ଥାନରେ ଜଗନ୍ନାଥଙ୍କ ମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ହେଉଛି ସେ ଦୃଷ୍ଟିରୁ ଦେଖିଲେ ମର୍କତ ନଗର ବା ସିଡ଼ିଏରେ ଏହା ହେଉଛି ଏକମାତ୍ର କ୍ଷେତ୍ର ଯେଉଁଠି ମହାପ୍ରସାଦ ପ୍ରସ୍ତୁତ ଓ ବିତରଣ ହେଉଛି । ମହାପ୍ରସାଦ ପ୍ରସ୍ତୁତିରେ ବେଶ୍ ଅଭିଜ୍ଞତା, ଶ୍ରଦ୍ଧା ତଥା ଦାୟିତ୍ୱବୋଧତା ରଖିଥିବା ମ□ୁ ନନା, ଜଗା ନନା, ସୁରେଶ ଚନ୍ଦ୍ର ଆଚାର୍ଯ୍ୟ, ଗଙ୍ଗା, ସୁଦର୍ଶନ ମିଶ୍ର, ସୁଶାନ୍ତ, ସୁଶୀଲ କୁମାର ପଣ୍ଡା, ବିଘ୍ନେଶ୍ୱର, ରାଜା, ସତ୍ୟନାରାୟଣ ଦାସ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଏହାକୁ ବିତରଣ ତଥା ପରିଚାଳନାରେ ନିଷ୍ଠାପର ଭାବେ ସମ୍ପୃକ୍ତ ରହି ମହାପ୍ରଭୁ ଜଗନ୍ନାଥଙ୍କ କୃପା ପାଉଛନ୍ତି । ଦାୟିତ୍ୱରେ ମୁଁ ପରିଚାଳକ ଥିଲେ ବି ସବୁକିଛିର ଦାୟିତ୍ୱ ହିଁ ଲୀଳାମୟ କାଳିଆର । ବର୍ଷ ତମାମ ପ୍ରତ୍ୟହ ଏଠାରେ ମହାପ୍ରସାଦ ପ୍ରସ୍ତୁତି ହୋଇଥାଏ ଯାହା ଆଜି ପର୍ଯ୍ୟନ୍ତ ପରିଚାଳିତ ହୋଇପାରୁଛି ସେହି ଷାଠିଏ ପଉଟି ଖିଆ ଜଗନ୍ନାଥଙ୍କ ପାଇଁ । ପ୍ରତିଦିନ ପାଖାପାଖି ପା□ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ । ବର୍ଷ ତମାମ ମହାପ୍ରଭୁଙ୍କ ରଥଯାତ୍ରା ଠାରୁ ବିଭିନ୍ନ ଦିବସ, ଓଡ଼ିଆ ପର୍ବ ପର୍ବାଣୀ ତଥା ଉତ୍ସବ, ପ୍ରତି ସୋମବାର, ଗୁରୁବାର ତଥା ଧାରା ଶ୍ରାବଣର ପବିତ୍ର ଶ୍ରାବଣ ମାସ ତଥା ପୁଣ୍ୟ କା□କରେ ମହାପ୍ରସାଦ ପାଇଁ ବହୁ ଦୂରଦୂରାନ୍ତରୁ ଧର୍ମୀୟ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଆଉ ସବୁଠାରୁ ବଡ଼ କଥା ହେଉଛି ପ୍ରତ୍ୟେହ କିଛି ମହାପ୍ରସାଦ ସ୍ଥାନୀୟ ବସ୍ତୀ ପିଲାଙ୍କୁ ପ୍ରଦାନ ସହ କ୍ଷୁଧା□ ଆଗନ୍ତୁକଙ୍କୁ ଏହା ପ୍ରଦାନ କରାଯାଏ । ପା□ବର୍ଷ ହେଲା ମହାପ୍ରଭୁଙ୍କ ପ୍ରସାଦ ବିତରଣର ଗୁରୁଦାୟିତ୍ୱ ଭିତରେ ଲୀଳାମୟଙ୍କ ଅନେକ ଅଲୌକିକ ଦିବ୍ୟକୃପା ପାଇଛି ଯାହା ବାସ୍ତବରେ ଅବର୍ଣ୍ଣନୀୟ । ମହାପ୍ରଭୁ ଜଗନ୍ନାଥଙ୍କ କୃପା ସମସ୍ତଙ୍କୁ ମିଳୁଥାଉ ଏହା ହିଁ ପ୍ରାର୍ଥନା ।

ଦେବାଶିଷ ଆଚାର୍ଯ୍ୟ
ସେକ୍ଟର-୬, ସିଡ଼ିଏ, କଟକ

ଚନ୍ଦ୍ରରେ କଳଙ୍କ କାହିଁକି

ଚନ୍ଦ୍ରମାରେ ଥିବା କଳଙ୍କ ସମ୍ପର୍କରେ ବୈଜ୍ଞାନିକ ପ୍ରମାଣ ରହିଛି । ତେବେ ପୁରାଣରେ ଚନ୍ଦ୍ରର କଳଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ସ୍କନ୍ଦ ପୁରାଣ କଥା ଅନୁଯାୟୀ, ଭଗବାନ ଶିବଙ୍କ ଶ୍ୱଶୁର ପ୍ରଜାପତି ଦକ୍ଷ ଯଜ୍ଞର ଆୟୋଜନ କଲେ । ମାତ୍ର ଏହି ଯଜ୍ଞରେ ଯୋଗ ଦେବା ଲାଗି ଭଗବାନ ଶିବଙ୍କୁ ଆମନ୍ତ୍ରଣ କଲେ ନାହିଁ । ଏହାକୁ ଶଙ୍କରଙ୍କ ଅପମାନ ବୋଲି ଭାବି ଦେବୀ ସତୀ ପିତାଙ୍କ ଯଜ୍ଞକୁଣ୍ଡରେ ଝାସ ଦେଇ ପ୍ରାଣ ତ୍ୟାଗ କଲେ । ଏଥିରେ କ୍ରୋଧିତ ଭଗବାନ ଶିବ ଦକ୍ଷଙ୍କୁ ମାରିବା ଲାଗି କୈଳାଶ ପର୍ବତରୁ ଉଠିଲେ । ଦକ୍ଷଙ୍କୁ ମାରିବା ଲାଗି ସେ ତ୍ରୀଶୂଳ ଫିଙ୍ଗିଲେ । ଶିବଙ୍କ ପ୍ରହାରରୁ ରକ୍ଷା ପାଇବା ନିମନ୍ତେ ଦକ୍ଷ ପ୍ରଜାପତି ମୃଗ ବେଶ ଧାରଣ କରି ଚନ୍ଦ୍ରରେ ଲୁଚି ଯାଇଥିଲେ । ସେଥିପାଇଁ ଚନ୍ଦ୍ରଙ୍କ ଅନ୍ୟ ନାମ ମୃଗାଙ୍କ । ଯାହାର ଅର୍ଥ ହେଉଛି ହରିଣର ଅଙ୍କ ବା କଳଙ୍କ । ଚନ୍ଦ୍ରମାରେ କଳଙ୍କ ସମ୍ପର୍କରେ ଅନ୍ୟ ଏକ କଥା ଭାଗବତ ମହାପୁରାଣରେ ବର୍ଣ୍ଣିତ । ଷଷ୍ଠ ସ୍କନ୍ଧରେ ବର୍ଣ୍ଣିତ ଏହି ଗାଥା ଅନୁଯାୟୀ, ଦକ୍ଷ ପ୍ରଜାପତିଙ୍କର ୬୦ ଜଣ କନ୍ୟା ଥିଲେ । ଏମାନଙ୍କ ମଧ୍ୟରୁ ୨୭ ଜଣ କନ୍ୟା ଚନ୍ଦ୍ରଦେବଙ୍କୁ ବାହା ହୋଇଥିଲେ । କିନ୍ତୁ ରୋହିଣୀ ନାମ୍ନୀ କନ୍ୟାଙ୍କୁ ଚନ୍ଦ୍ର ଦେବ ଅଧିକ ସ୍ନେହ କରୁଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଅନ୍ୟମାନେ ଦକ୍ଷ ପ୍ରଜାପତିଙ୍କ ନିକଟରେ ଗୁହାରି ହୋଇଥିଲେ । ଏହାପରେ ଦକ୍ଷ ପ୍ରଜାପତି କ୍ଷୀଣ ହୋଇଯିବା ଲାଗି ଚନ୍ଦ୍ରଦେବଙ୍କୁ ଅଭିଶାପ ଦେଇଥିଲେ । ଅଭିଶାପ କାରଣୁ ଚନ୍ଦ୍ରଙ୍କ ଶରୀର କଳଙ୍କିତ ହୋଇଯାଇଥିଲା । ଯାହା ବ□ମାନ ମଧ୍ୟ ଦେଖାଦେଇଥାଏ ।

ମାନସିକ ପୂରଣ ପାଇଁ ଗୁଡ଼ି ଉଡ଼ାଇବାର ପରମ୍ପରା

ରାଜସ୍ଥାନର ବିକାନେର୍ ଜିଲ୍ଲାରେ ରହିଛି ବାବା ଭୈରବ ନାଥଙ୍କ ମନ୍ଦିର । ଏ ମନ୍ଦିରକୁ ଆସୁଥିବା ଭକ୍ତମାନେ ସାଥିରେ ଗୁଡ଼ି ନେଇ ଆସିଥାନ୍ତି । ସେହି ଗୁଡ଼ି ଭଗବାନ ଭୈରବନାଥଙ୍କୁ ପ୍ରସାଦ ଅର୍ପଣ କରିଥାନ୍ତି । ପରେ ଭକ୍ତମାନେ ନିଜ ନିଜ ଗୁଡ଼ି ନେଇ ଯାଇ ଉଡ଼ାଇଥାନ୍ତି । ଏପରି କରିବା ଦ୍ୱାରା ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ବହୁ ଦିନ ଧରି ଭୈରବ ନାଥ ମନ୍ଦିରରେ ଏଭଳି ପରମ୍ପରା ଚାଲି ଆସୁଛି । କୁହାଯାଏ ଯେ ପୂର୍ବରୁ ରାଜାରାଜୁଡ଼ାମାନେ ଆସି ଏହି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲେ ଏବଂ ସୂର୍ଯ୍ୟ ଭଗବାନଙ୍କ ଆଡ଼କୁ ମୁହଁ କରି ଗୁଡ଼ି ଉଡ଼ାଉଥିଲେ । ଏବେ ସାଧାରଣ ଭକ୍ତମାନେ ଏପରି କରୁଛନ୍ତି । ଭକ୍ତମାନେ ସାଧାରଣତଃ ଗୁଡ଼ିରେ ଠାକୁରଙ୍କ ନାମ ଏବଂ ମନ୍ତ୍ର ଆଦି ଲେଖି ଉଡ଼ାଇଥାନ୍ତି । ଗୁଡ଼ି ଯେତେ ଅଧିକ ଉଚ୍ଚକୁ ଯାଏ ସେତେ ଅଧିକ ଖୁସି ମିଳିଥାଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି ।

FORM I

FORM OF DECLARATION

(see rule 3)

I, **Biswamitra Mishra** declare that I am the **printer and publisher of the newspaper** entitled UTKAL PRATIVA to be printed and published at Bhubaneswar and that particulars in respect of the said newspaper given hereunder are true to the best of my knowledge and belief.

1.	Title of the Newspaper	: UTKAL PRATIVA
2.	Language(s) in which is (to be) published	: Odia
3.	Periodicity of its publication	:
	a) Whether a daily, tri-weekly, bi-weekly, weekly fortnightly or otherwise	: Fortnightly
	b) In the case of daily, please state whether it morning or evening newspaper?	: NA
	c) In the case of a newspaper other than a daily, please state the days(s)/date(s) on which it is (to be) published	: Friday
4.	Retail selling price of the newspaper per copy	: Rs. 10/-
	a) If the newspaper is for free distribution, please state that it is "for free distribution"	: NA
	b) If it has only an annual subscription and no retail price, please state the annual subscription	: NA
5.	Publisher's name	: Mr. Biswamitra Mishra
	Nationality	: Indian
	a) Whether a citizen of India?	
	b) If a foreigner, please state the country of origin	:
	c) Address	: Plot No.-30, At/Po- Sailashree Vihar, P.S- C. S. Pur, Bhubaneswar-21, Dist- Khorda, Odisha
6.	Place of publication (please give the complete postal address)	: At- Sishu Vihar, Plot No.- 347, P.O- KIIT, Bhubaneswar-24
7.	Printer's name	: Biswamitra Mishra
	• Nationality	: Indian
	a) Whether a citizen of India?	
	b) If a foreigner, please state the country of origin	:
	• Address	: NA
8.	Name(s) of the printing press(es) where the newspaper is actually printed and the true and precise description of the premises on which the press(es) is/are installed	: Auroprava Printers N3/14, IRC Village, Bhubaneswar-751015
9.	Editor's name	: Dr. Satyabrata Minaketan
	• Nationality	: Indian
	a) Whether a citizen of India?	:
	b) If a foreigner, please state the country of origin.	
	Address	: Plot No.- 347, At- Sishu Vihar, P.O.- KIIT, Patia, Bhubaneswar-751024
10.	Owner's name (s)	: Dr. Satyabrata Minaketan
	a) Please state the particulars of individual(s) or of the firm, joint stock company, trust, co-operative society or association which owns the newspaper.	
	b) Please state whether the owner owns any other newspaper and if so, its name, periodicity, language and place of publication.	: No
11	Please state whether the declaration is in respect of	:
	a) A new newspaper, or	: Yes
	b) An existing newspaper,	: No
	c) Incase the declaration falls under item (b), the reason for filling the fresh declaration.	: Fresh Declaration

Signed in my presence 18/9/14

Date : ....

Signature 18/9/2014

Name (in block letters) : BISWAMITRA MISHRA

Designation : Publisher & Printer

PUBLISHER/PRINTER UTKAL PRATIVA BHUBANESWAR

Authenticated on this day 11th of month Nov Year 2014 under my seal and signature.

(Signature and seal of the District Magistrate, Khorda)

11/11/14

NIRANJAN SAHU, DISTRICT MAGISTRATE & COLLECTOR, KHORDHA

Printed & Published by Biswamitra Mishra, Owned & Edited by Dr. Satyabrata Minaketan and Printed at AUROPRAVA PRINTERS, N3/14, IRC Village, Bhubaneswar and Published at Sishu Vihar, Plot No - 347, PO - KIIT, Bhubaneswar - 751024.

ସହ ସଂପାଦକ - ସୁଧାଂଶୁ ଶେଖର ପାଣିଗ୍ରାହୀ

ସଂପାଦକ - ଡଃ. ସତ୍ୟବ୍ରତ ମିନକେତନ